# କଟକ ମହାନଗର ନିଗମ ୩୬ତମ ସାଧାରଣ ବୈଠକ ବିବରଣୀ

**ତା. ୨୮.୦୯.୨୦୧୮ ରିଖ , ସମୟ : ଅପରାହ୍ନ - ୦୩.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୨୮.୦୯.୨୦୧୮ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୩୬ତମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ସୁଶ୍ରୀ ରଂଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୧୦. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୨. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୩. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୪. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୫. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୬. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୭. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୮. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୯. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୨୦. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୧. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୨. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୩. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୪. | ଶ୍ରୀଯୁକ୍ତ ସେକ୍ ସମିମ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ - ୨୩ |
| ୨୫. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୬. | ଶ୍ରୀଯୁକ୍ତା ପାରୁଲ ଜୟସାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୭. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |

୨୮. ଶ୍ରୀଯୁକ୍ତା ଇତିଶ୍ରୀ ଦାସ, କର୍ପୋରେଟର, ୱାର୍ଡ଼ ନଂ. – ୨୭
୨୯. ଶ୍ରୀଯୁକ୍ତା ବୈଶାଳୀ ବେହେରା କର୍ପୋରେଟର, ୱାର୍ଡ଼ ନଂ. – ୨୮
୩୦. ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, କର୍ପୋରେଟର, ୱାର୍ଡ଼ ନଂ. –୨୯
୩୧. ସୁଶ୍ରୀ ନମିତା ଦାସ, କର୍ପୋରେଟର, ୱାର୍ଡ଼ ନଂ. – ୩୦
୩୨. ଶ୍ରୀଯୁକ୍ତ ବିଜୟ କୁମାର ସାହୁ କର୍ପୋରେଟର, ୱାର୍ଡ଼ ନଂ. – ୩୧
୩୩. ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ କର୍ପୋରେଟର, ୱାର୍ଡ଼ ନଂ. – ୩୨
୩୪. ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ. – ୩୩
୩୫. ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ କର୍ପୋରେଟର, ୱାର୍ଡ଼ ନଂ. – ୩୪
୩୬. ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ କର୍ପୋରେଟର, ୱାର୍ଡ଼ ନଂ. – ୩୫
୩୭. ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର କର୍ପୋରେଟର, ୱାର୍ଡ଼ ନଂ. – ୩୭
୩୮. ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , କର୍ପୋରେଟର, ୱାର୍ଡ଼ ନଂ. – ୩୮
୩୯. ଶ୍ରୀଯୁକ୍ତା ସୁଲୋଚନା ସେଠୀ କର୍ପୋରେଟର, ୱାର୍ଡ଼ ନଂ. – ୩୯
୪୦. ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ. – ୪୦
୪୧. ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା କର୍ପୋରେଟର, ୱାର୍ଡ଼ ନଂ. – ୪୧
୪୨. ଶ୍ରୀଯୁକ୍ତ ଚିରଂଜୟ ସାହୁ କର୍ପୋରେଟର, ୱାର୍ଡ଼ ନଂ. – ୪୨
୪୩. ସୁଶ୍ରୀ ପ୍ରମିଳା ମହାନ୍ତି କର୍ପୋରେଟର, ୱାର୍ଡ଼ ନଂ. – ୪୩
୪୪. ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ କର୍ପୋରେଟର, ୱାର୍ଡ଼ ନଂ. – ୪୪
୪୫. ଶ୍ରୀଯୁକ୍ତା ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ଼ ନଂ. – ୪୬
୪୬. ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, କର୍ପୋରେଟର, ୱାର୍ଡ଼ ନଂ. – ୪୭
୪୭. ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା କର୍ପୋରେଟର, ୱାର୍ଡ଼ ନଂ. – ୪୮
୪୮. ଶ୍ରୀଯୁକ୍ତ ଦୟାନିଧି ନାୟକ, କର୍ପୋରେଟର, ୱାର୍ଡ଼ ନଂ. – ୪୯
୪୯. ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, କର୍ପୋରେଟର, ୱାର୍ଡ଼ ନଂ. – ୫୦
୫୦. ଶ୍ରୀମତୀ ମମତା ବେହେରା କର୍ପୋରେଟର, ୱାର୍ଡ଼ ନଂ. – ୫୧
୫୧. ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ. – ୫୨
୫୨. ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ କର୍ପୋରେଟର, ୱାର୍ଡ଼ ନଂ. – ୫୩
୫୩. ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ କର୍ପୋରେଟର, ୱାର୍ଡ଼ ନଂ. – ୫୪
୫୪. ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା କର୍ପୋରେଟର, ୱାର୍ଡ଼ ନଂ. – ୫୫
୫୫. ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ. – ୫୬
୫୬. ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, କର୍ପୋରେଟର, ୱାର୍ଡ଼ ନଂ. – ୫୭
୫୭. ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ କର୍ପୋରେଟର, ୱାର୍ଡ଼ ନଂ. – ୫୮
୫୮. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର କର୍ପୋରେଟର, ୱାର୍ଡ଼ ନଂ. – ୫୯

## ଉପସ୍ଥିତ ପଦାଧିକାରୀ

୧. ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ ଆୟୁକ୍ତ
୨. ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ ଅତିରିକ୍ତ ଆୟୁକ୍ତ-୧

| | | |
|---|---|---|
| ୩. | ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ନାଥଶର୍ମା | ଯୁଗ୍ମ ଆୟୁକ୍ତ |
| ୪. | ଶ୍ରୀଯୁକ୍ତ ଅଜୟ ମହାନ୍ତି | ଆଡ଼ଭୋକେଟ |
| ୫. | ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ-୧ |
| ୬. | ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ସେଠୀ | ଉପ ଆୟୁକ୍ତ-୨ |
| ୭. | ଶ୍ରୀଯୁକ୍ତ ବିଶ୍ୱନାଥ ଲେଙ୍କା | ପରିସଂଖ୍ୟାନ ଅଧିକାରୀ |
| ୮. | ଡ଼ଃ ଉମେଶ ପାଣିଗ୍ରାହୀ | ନଗର ସ୍ୱାସ୍ଥ୍ୟ ଅଧିକାରୀ |
| ୯. | ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ | ବିତ ଅଧିକାରୀ |
| ୧୦. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୧୧. | ଶ୍ରୀଯୁକ୍ତ ମନୀସ ସରକାର | ନିର୍ବାହୀ ଯନ୍ତ୍ରୀ-୧ |
| ୧୨. | ଶ୍ରୀଯୁକ୍ତ ଭାଗ୍ୟଧର ସାହୁ | ନିର୍ବାହୀ ଯନ୍ତ୍ରୀ-୨ |
| ୧୩. | ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୪. | ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ | ସହକାରୀ ଯନ୍ତ୍ରୀ |
| ୧୫. | ଶ୍ରୀଯୁକ୍ତ ସଂଜିବ କୁମାର ପ୍ରଧାନ | ସହକାରୀ ଯନ୍ତ୍ରୀ |
| ୧୬. | ଶ୍ରୀଯୁକ୍ତ ଆଦିତ୍ୟ ନାରାୟଣ ମିଶ୍ର | କନିଷ୍ଠ ଯନ୍ତ୍ରୀ |
| ୧୭. | ଶ୍ରୀଯୁକ୍ତ ବିପିନ ବିହାରୀ ପ୍ରଧାନ | କନିଷ୍ଠ ଯନ୍ତ୍ରୀ |
| ୧୮. | ଶ୍ରୀମତୀ ଗୀତାରାଣୀ ସାହୁ | କନିଷ୍ଠ ଯନ୍ତ୍ରୀ |
| ୧୯. | ଶ୍ରୀଯୁକ୍ତ ଦିଲ୍ଲିପ କୁମାର ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୦. | ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ର ବିଶ୍ୱାଳ | କନିଷ୍ଠ ଯନ୍ତ୍ରୀ |
| ୨୧. | ଶ୍ରୀଯୁକ୍ତ ମନୋଜ କୁମାର ଦେବତା | କନିଷ୍ଠ ଯନ୍ତ୍ରୀ |
| ୨୨. | ଶ୍ରୀଯୁକ୍ତ ଲଳିତେନ୍ଦୁ ନାୟକ | କନିଷ୍ଠ ଯନ୍ତ୍ରୀ |
| ୨୩. | ଶ୍ରୀମତୀ ସାଗତିକା ମହାନ୍ତି | କନିଷ୍ଠ ଯନ୍ତ୍ରୀ |

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଏବଂ ମାନ୍ୟବର କ୍ରିଡ଼ା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପତିନିଧି ଶ୍ରୀଯୁକ୍ତ ପ୍ରଦୀପ କୁମାର ବେହେରା ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ କର୍ପୋରେଟର, ନିଗମର ସମସ୍ତ ଅଧିକାରୀମାନଙ୍କୁ ଦଶହରା ନିମନ୍ତେ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିବା ସହିତ ଆଜିକାର ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

**ଶ୍ରୀଯୁକ୍ତା କବିତା ଖଣ୍ଡେଇ, କର୍ପୋରେଟର, ୱାର୍ଡ଼ ନଂ-୪୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୫୦ ଲକ୍ଷ ଟଙ୍କାର ଅନୁଦାନ ମଧ୍ୟରେ କେବେ ସୁଦ୍ଧା କାର୍ଯ୍ୟ ସରିବ, କାର୍ଯ୍ୟାଦେଶ ପ୍ରାପ୍ତ ହେବାର କେତେ ମାସ ପରେ କାର୍ଯ୍ୟ ଆରମ୍ଭ କରାଯାଏ, ଯଦି ବର୍ଷ ବର୍ଷ ଧରି ୱାର୍କ ଅର୍ଡ଼ର ପାଇ ଠିକାଦାରମାନେ କାର୍ଯ୍ୟ କରୁନାହାଁନ୍ତି,

ତେବେ ସେମାନଙ୍କ ପ୍ରତି କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ବନ୍ଧରେ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ-୫୬ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୫୦ ଲକ୍ଷ ଟଙ୍କାର ଅନୁଦାନ ମଧ୍ୟରେ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ କରାଯିବ ତାହାର ଉତର ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ଠିକାଦାର ମାନେ Agreement କରୁଛନ୍ତି ଏବଂ ISD Deposit କରୁଛନ୍ତି ସେମାନଙ୍କର ISD କଟାଯିବା ସହ ବଡ଼ ବାବୁଙ୍କ ନିକଟରେ ଏତେ ଦିନ ଫାଇଲ କାହିଁକି ପଡ଼ିରହୁଛି ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

ନଗର ଯନ୍ତ୍ରୀ କହିଥିଲେ ୫୦ ଲକ୍ଷ ଟଙ୍କାର ଅନୁଦାନରେ ଯେଉଁ ଠିକାଦାରମାନେ କାର୍ଯ୍ୟାଦେଶ ପାଇ କାର୍ଯ୍ୟାରମ୍ଭ କରିନାହାଁନ୍ତି ସେମାନଙ୍କ ଟେଣ୍ଡରକୁ ନାକଚ କରାଯାଇ ପୁନଃ ଟେଣ୍ଡର କରାଯିବ ବୋଲି ଗୃହରେ ଜଣାଇଥିଲେ ।

**ଶ୍ରୀଯୁକ୍ତ ଜ୍ଞାନ ରଂଜନ ସାଇଁ, କର୍ପୋରେଟର, ୱାର୍ଡ଼ ନଂ-୧୦ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଯେଉଁ ଠିକାଦାରମାନେ କାର୍ଯ୍ୟ କରୁନାହାଁନ୍ତି ସେମାନଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । କାର୍ଯ୍ୟାଦେଶ ପାଇ ୫ ରୁ ୧୦ ପ୍ରତିଶତ କାର୍ଯ୍ୟ କରି ଅବଶିଷ୍ଟ କାର୍ଯ୍ୟ କରିବୁ ନାହିଁ ବୋଲି ପ୍ରକାଶ କରିବା ବେଳେ ଏପରି ସ୍ଥଳେ ଯଦି ଟେଣ୍ଡର ରଦ୍ଦ କରାଯାଏ ତେବେ ନୂତନ ଟେଣ୍ଡର କରାଯିବା ପାଇଁ କେତେ ସମୟ ଲାଗିବ ବୋଲି ପ୍ରଶ୍ନ କରିଥିଲେ । ଯଥାଶିଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବା ନିମନ୍ତେ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମ ଅଂଚଳରେ ଠିକାଦାରମାନେ ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ କରିସାରିବା ପରେ ମାଟି ଉଠାଉନାହାଁନ୍ତି, ତେବେ କାର୍ଯ୍ୟକୁ ତଦାରଖ ନକରାଯାଇ କିଭଳି ଭାବେ ବିଲ ପ୍ରଦାନ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ ।

❖ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୱାର୍ଡ଼ର ୧୦ ଜଣ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବାର ୩ ମାସ ବିତିଯାଇଥିଲେ ସୁଦ୍ଧା ହିତାଧିକାରୀମାନେ ଘରଭାଙ୍ଗି ଖରା ବର୍ଷାରେ ଦିନ ଅତିବାହିତ କରୁଛନ୍ତି । କେବେ ସୁଦ୍ଧା ସେମାନଙ୍କର କାର୍ଯ୍ୟ ହୋଇପାରିବ ଗୃହରେ ଅବଗତ କରଯାଉ ବୋଲି ଦାବି ଉପସ୍ଥାପନା କରିଥିଲେ ।

❖ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନଙ୍କର କାର୍ଯ୍ୟାଦେଶରେ ଲିପିବଦ୍ଧ ଅଛିକି ଯେଉଁ ହିତାଧିକାରୀ ମାନେ ୩ ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ଫଟୋ ଦାଖଲ କରିବେ ସେମାନଙ୍କୁ ଅତିରିକ୍ତ ୩୦ ହଜାର ଟଙ୍କା ବୋନସ ଆକାରରେ ପ୍ରଦାନ କରାଯିବ ବୋଲି କିନ୍ତୁ ୩ ମାସ ଆଗରୁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ କିଭଳି ଭାବେ ବୋନସର ସୁବିଧା ପାଇପାରିବେ ବୋଲି ପ୍ରଶ୍ନ କରିଥିଲେ ।

❖ ଚଣ୍ଡି ମନ୍ଦିର ନିକଟରେ ଏକ ଶୌଚାଳୟ ନିର୍ମାଣ କରାଯିବା ନିମନ୍ତେ ଦୀର୍ଘ ୪ ବର୍ଷ ହୋଇଯିବ ଦାବି କରିଆସୁଥିବା ବେଳେ ଅଦ୍ୟାବଧି କୌଣସି କାର୍ଯ୍ୟକାରୀ କରାଗଲାନାହିଁ । ପ୍ରତ୍ୟେକ

ଦିନ ମା'ଙ୍କ ପାଖକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ଆସୁଥିବା ବେଳେ ସେମାନଙ୍କ ମନରେ କଟକ ପ୍ରତି କ'ଣ ମନୋଭାବ ହେବ । ଉକ୍ତ ଶୌଚାଳୟ ଟାଟା ଟ୍ରଷ୍ଟ ତରଫରୁ ନିର୍ମାଣ କରାଯିବାକୁ ଥିବା ବେଳେ କେଉଁ ଠାରେ ଅସୁବିଧା ରହିଲା ତାହାକୁ ଗୃହରେ ଅବଗତ କରାଯାଉ ।

❖ ନିଗମରେ କାର୍ଯ୍ୟରତ ୬ ଜଣ ଡ଼ାଟା ଏଣ୍ଟ୍ରି ଅପରେଟର ବିଗତ ୧୦ ବର୍ଷରୁ ଉର୍ଦ୍ଧ ହେବ କାର୍ଯ୍ୟ କରିଆସୁଛନ୍ତି । **ଅର୍ଥ ବିଭାଗ ଆଦେଶ ଅନୁସାରେ ସେମାନଙ୍କୁ ୫୨୦୦/- ଟଙ୍କା ପ୍ରଦାନ କରାଯାଉଥିବାରୁ, ଉକ୍ତ ୬ଜଣ ଡ଼ାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ଅର୍ଥ ବିଭାଗ ନିର୍ଦ୍ଦେଶନାମା** 34555/F, dt. 22.12.2016 **ଅନୁଯାୟୀ ପାରିତୋଷ ବୃଦ୍ଧି କରାଯିବାକୁ କର୍ପୋରେସନ ଏଷ୍ଟାବ୍ଲିସ ଷ୍ଟାଣ୍ଡିଙ୍ଗ କମିଟିରେ ଅନୁମୋଦନ କରାଗଲା କିନ୍ତୁ ସେମାନଙ୍କୁ ବର୍ଦ୍ଧିତ ଦରମା କାହିଁକି ପ୍ରଦାନ କରାଗଲା ନାହିଁ । କେଉଁଠାରେ ପ୍ରତିବନ୍ଧକ ରହିଲା, ଆଯୁକ୍ତ ଗୃହରେ ତାହାର ଉତର ରଖନ୍ତୁ । ଅର୍ଥ ବିଭାଗ ଆଦେଶ ଅନୁଯାୟୀ ଯଥାଶିଘ୍ର ସେମାନଙ୍କ ଦରମା ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।**

❖ ବିଜୁ ପଟ୍ଟନାୟକ ସଂଗ୍ରହାଳୟରେ ଡ଼ାକୋଟା ପ୍ଲେନ ଲଗାଯିବାକୁ ଥିବା ବେଳେ ଗଡ଼ଖାଇର କାର୍ଯ୍ୟ ନିମନ୍ତେ କୋଟ କୋଟି ଟଙ୍କା ନିଗମରେ ଗଛିତଥାଇ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧହେବ କାହିଁକି ପୁର୍ନଉଦ୍ଧାର କାର୍ଯ୍ୟ କରାଯାଉନାହିଁ । ଗଡ଼ଖାଇରେ ଝୁଲା ପୋଲ, ପାର୍କ ଏବଂ ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୫ କୋଟି ଟଙ୍କା ପ୍ରଦାନ କରାଯିବାକୁ ଥିବାବେଳେ ଯଥାଶିଘ୍ର ଗଛିତ ଥିବା ଅର୍ଥରେ ପୁର୍ନଉଦ୍ଧାର କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୨ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, କାର୍ଯ୍ୟାଦେଶ ପ୍ରାପ୍ତ ହେବା ପରେ ଯେଉଁ ଠିକାଦାରମାନେ କାର୍ଯ୍ୟ କରୁନାହାଁନ୍ତି ଉକ୍ତ କାର୍ଯ୍ୟ ଗୁଡ଼ିକ ପୁନଃ ଟେଣ୍ଡର କରାଗଲେ ବହୁ ବିଳମ୍ବ ହେବ ତେଣୁ ପୁର୍ବରୁ ଟେଣ୍ଡର ପକ୍ରିୟାରେ ଅଂଶଗ୍ରହଣ କରି ଏଲ୍-୨ ହୋଇଥିବା ଠିକାଦାରଙ୍କୁ ଏଲ୍-୧ ଦରରେ କାର୍ଯ୍ୟାଦେଶ ପ୍ରଦାନ କରାଯାଉ । ଯେଉଁ ଠିକାଦାରମାନେ କାର୍ଯ୍ୟାଦେଶ ପାଇ କାର୍ଯ୍ୟ କରୁନାହାଁନ୍ତି ସେମାନଙ୍କୁ କଳାତାଲିକା ଭୁକ୍ତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଚଳିତ ପରିଷଦର ଅବଧି ଶେଷ ହେବାକୁ ଥିବା ବେଳେ ୫୯ ଜଣ କର୍ପୋରେଟରମାନଙ୍କୁ ସମୁହ ଫଟୋ ଉଠାଯିବା ନିମନ୍ତେ ବାରମ୍ବାର ଦାବି ଉପସ୍ଥାପନା କରୁଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ । ତେଣୁ ଶେଷ ସମୟରେ ଏକ ଗୃପ ଫଟୋ ଉଠାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ମାନ୍ୟବର ସାଂସଦ ଏବଂ ବିଧାୟକ ମାନଙ୍କର କାର୍ଯ୍ୟକାଳ ସରିବା ପରେ ଯେଉଁଭଳି ସେମାନଙ୍କୁ ପେନସନ ପ୍ରଦାନ କରାଯାଉଅଛି, ଠିକ୍ ସେହିଭଳି କର୍ପୋରେଟର ମାନଙ୍କ ନିମନ୍ତେ ପେନସନର ବ୍ୟବସ୍ଥା କରାଯିବାକୁ ମେୟରଙ୍କ ଅଧ୍ୟକ୍ଷତାରେ ଏକ ଦାବି ପତ୍ର ମାନ୍ୟବର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ୨୨୪ ଗୋଟି ବସ୍ତି ଅଂଚଳ ଥିବା ବେଳେ ଗୃହ ଟିକସ ଏବଂ ସେବା କର ବାବଦରେ ଯେଉଁ ଗୃହ ମାଲିକ ମାନେ ସଠିକ ଭାବେ ଗୃହ ଟିକସ ପରିଶୋଧ କରିପାରୁନାହାଁନ୍ତି ସେମାନଙ୍କ ଠାରୁ ୧୦ ପ୍ରତିଶହ ହାରରେ ଜୋରିମାନା ଆଦାୟ କରାଯିବ । ନିଗମ ଅଂଚଳରେ ହଜାର ହଜାର ଗୃହ ହୋଲ୍ଡ଼ିଂ ପରିସରଭୂକ୍ତ ହୋଇନଥିବା ବେଳେ ଯେଉଁମାନେ ଟିକସ ପ୍ରଦାନ କରିଆସୁଛନ୍ତି ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବା ଅତ୍ୟନ୍ତ ଦୂର୍ଭାଗ୍ୟ ଜନକ । ତେଣୁ ଉକ୍ତ ପ୍ରସ୍ତାବକୁ ରଦ୍ଦ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ଭତା ପ୍ରଦାନ କ୍ଷେତ୍ରରେ ଦିବା ୧୦/୧୧ ଘଟିକା ସମୟରେ ଭତା ପ୍ରଦାନ କରାଯାଉଥିବାରୁ ବହୁ ଦିନ ମଜୁରୀଆ ଭତା ନିମନ୍ତେ ସେମାନଙ୍କ ଦୈନିକ ମଜୁରୀ ୩୫୦ ଟଙ୍କା ହରାଉଥିବାରୁ ୧୦ ଘଟିକା ପରିବର୍ତ୍ତେ ୭ ଘଟିକାରେ ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତା ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ୫୦ ଲକ୍ଷ ଅନୁଦାନ ମଧ୍ୟରେ କେତେ ଗୁଡ଼ିଏ କାର୍ଯ୍ୟର ଟେଣ୍ଡର କରାଯାଇନାହିଁ ଏବଂ କେତେ ଗୁଡ଼ିଏ ଟେଣ୍ଡର କରାଯାଇଥିଲେ ସୁଦ୍ଧା କାର୍ଯ୍ୟାରମ୍ଭ କରାଯାଇନାହିଁ । କେବେ ସୁଦ୍ଧା ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଆୟୁକ୍ତଙ୍କୁ ପ୍ରଶ୍ନ କରିଥିଲେ ।

❖ ୱାର୍ଡ଼ର ପୁରୀଘାଟ ପଛପଟେ ଲୋକମାନେ ଘରଭାଙ୍ଗି ରାଜୀବ ଆୱାସ ଯୋଜନା ଗୃହ ନିର୍ମାଣ କରିବା ପାଇଁ ୭/୮ ମାସ ଅପେକ୍ଷା କରି ରହିଥିବା ବେଳେ ଆଉ କେତେ ଦିନ ଅପେକ୍ଷା କରିବେ । ଉକ୍ତ ହିତାଧିକାରୀମାନେ ବର୍ଷାଦିନରେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେବେ ସେମାନେ କେତେ ଦିନ ଆଉ ଅପେକ୍ଷା କରିବେ ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ତୁରନ୍ତ ଏହାର ପ୍ରତିକାର କରାଯିବା ନିମନ୍ତେ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**<u>ଶ୍ରୀଯୁକ୍ତ ରମଜାନ ଖାନ, କର୍ପୋରେଟର, ୱାର୍ଡ଼ ନଂ-୧୬ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ୫୦ ଲକ୍ଷ ଅନୁଦାନ ମଧ୍ୟରେ କେତେ ଗୁଡ଼ିଏ କାର୍ଯ୍ୟର ଟେଣ୍ଡର କରାଯାଇନାହିଁ ଏବଂ କେତେ ଗୁଡ଼ିଏ ଟେଣ୍ଡର କରାଯାଇଥିଲେ ସୁଦ୍ଧା କାର୍ଯ୍ୟାରମ୍ଭ କରାଯାଇନାହିଁ । ଯେଉଁ ଠିକାଦାରମାନେ କାର୍ଯ୍ୟାଦେଶ ପାଇବା ପରେ କାର୍ଯ୍ୟାରମ୍ଭ କରୁନାହାଁନ୍ତି ସେମାନଙ୍କ ପ୍ରତି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତୁରନ୍ତ ସେମାନଙ୍କୁ କଳା ତାଲିକାଭୂକ୍ତ କରାଯିବା ସହିତ Departmentally କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସଠିକ୍ ଭାବେ ହିତାଧିକାରୀ ଚୟନ କରାଯାଇନାହିଁ । ଅନେକ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜଣେ ହେଲେ ଗରିବ ଲୋକ ଏହି ଯୋଜନାରୁ ବାଦ୍ ପଡ଼ିବନାହିଁ କିନ୍ତୁ ଆମର କମ୍ୟୁନିଟି ଅର୍ଗାନାଇଜର ଏବଂ ଅଧିକାରୀମାନେ ସଠିକ୍ ଭାବେ ତଦନ୍ତ କରିନାହାଁନ୍ତି । ଯାହାଫଳରେ ବହୁ ଯୋଗ୍ୟ ହିତାଧିକାରି ଏହି ଯୋଜନାରୁ ବାଦ୍ ପଡ଼ିଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଅଯୋଗ୍ୟ ହିତାଧିକାରିମାନେ କାର୍ଡ଼ ଫେରାଇଦେଇଥିଲେ ପୁର୍ନବାର ସେମାନଙ୍କ କାର୍ଡ଼ କରାଯାଇଛି । ଯୋଗାଣ ଅଧିକାରୀ, କମ୍ୟୁନିଟି ଅର୍ଗାନାଇଜର ଏବଂ ଡ଼ିଲରମାନଙ୍କ ମଧୁଚନ୍ଦ୍ରିକାରେ ରାସନ

କାର୍ଡ଼ ଚୟନ ତାଲିକା ପ୍ରସ୍ତୁତ କରାଯାଇଛି ଯାହାକି ଆମ୍ଭେ ମାନେ ଜାଣିନାହୁଁ । ତେଣୁ କର୍ପୋରେଟରଙ୍କ ସହିତ ଯୋଗାଯୋଗ କରାଯାଇ ୭ ଦିନ ମଧ୍ୟରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚୟନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

- ପୂର୍ବରୁ ଖୋଲାଯାଇଥିବା ଇ-ସେବା କେନ୍ଦ୍ର ଗୁଡ଼ିକ ବନ୍ଦ ହୋଇଯାଇଥିବା ଦୃଷ୍ଟିରୁ ଯଥାଶିଘ୍ର ଏହାର କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ସୁଶ୍ରୀ ରଂଜିତା ବିଶ୍ୱାଳ, କର୍ପୋରେଟର, ୱାର୍ଡ଼ ନଂ-୦୭ :</u>**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଯେଉଁ ହିତାଧିକାରୀ ମାନେ ନିଜେ କିମ୍ବା କର୍ପୋରେଟର ମାନଙ୍କ ଜରୀଆରେ ଆବେଦନ କରିଥିଲେ ସେମାନଙ୍କ ଆବେଦନ ଅନୁଯାୟୀ ଯାଂଚ ସମୟରେ କର୍ପୋରେଟର ମାନଙ୍କର ସହଯୋଗ ନିଆଗଲା ନାହିଁ । ୱାର୍ଡ଼ରେ କିଏ ଯୋଗ୍ୟ ଏବଂ କିଏ ଅଯୋଗ୍ୟ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟର ମାନେ ଜାଣିଛନ୍ତି କିନ୍ତୁ କର୍ପୋରେଟର ମାନଙ୍କୁ ଅନ୍ଧାରରେ ରଖାଯାଇ ଯୋଗାଣ ଅଧିକାରୀ, କମ୍ୟୁନିଟି ଅର୍ଗାନାଇଜର ଏବଂ ଡ଼ିଲରମାନଙ୍କ ମଧୁଚନ୍ଦ୍ରିକାରେ  ରାସନ କାର୍ଡ଼ ଚୟନ ତାଲିକା କର୍ପୋରେଟରମାନଙ୍କ ଅଗୋଚରରେ ଡ଼ିଲର ଏବଂ ହିତାଧିକାରୀମାନଙ୍କ ନିକଟରେ ପହଁଚିଗଲାଣି । ତୁରନ୍ତ ଏହାର ଉତର ଗୃହରେ ରଖାଯାଉ ଏବଂ ପୁର୍ନବାର ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ଦେଉଳସାହି ସାଇମନ୍ଦିର ଠାରୁ ସେଲଟର ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଜାଇକା ଦ୍ୱାରା ଶୋଚନୀୟ କରାଯାଇଥିବାରୁ ମେଢ ଯିବା ପାଇଁ ବହୁ ସମସ୍ୟା ହେବ ।  ଏ ବାବଦରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ତେଣୁ ଦଶହରା ପୂର୍ବରୁ ଉକ୍ତ ରାସ୍ତାକୁ ମରାମତି କରାଯିବା ନିମନ୍ତେ ଜାଇକାକୁ ନିର୍ଦ୍ଦେଶ ଦେବା ପାଇଁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଷ୍ଟେଟ ବ୍ୟାଙ୍କ କଲୋନୀ ସମ୍ମୁଖ ଭାଗରେ ଥିବା ରାସ୍ତା ଦବି ଯାଇଥିବାରୁ ଯଥାଶିଘ୍ର ଉକ୍ତ ରାସ୍ତାର ପୁର୍ନଉଦ୍ଧାର କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ଧୋବାସାହି ଠାରେ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ପ୍ରୋଜେକ୍ଟ ସମ୍ମାନ ଶୌଚାଳୟ ନିର୍ମାଣ କରାଯାଇଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନଥିବାରୁ ଯଥାଶିଘ୍ର ଏହାକୁ କାର୍ଯ୍ୟକାରୀ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ଅନ୍ତୋଦୟ ଯୋଜନାରେ ଅର୍ନ୍ତଭୂକ୍ତ କରାଯିବା ପାଇଁ ୫୦ ଜଣ ହିତାଧିକାରୀଙ୍କ ଆବେଦନ ଫର୍ମ ପ୍ରଦାନ କରିଥିଲେ ସୁଦ୍ଧା ସେ ବାବଦରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**<u>ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧ୍ୟକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :</u>**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ,  ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ ପ୍ରକାର ଫର୍ମ ସଂଗ୍ରହୃତ ହୋଇଛି । ଉକ୍ତ ଆବେଦନ ଫର୍ମ ଗୁଡ଼ିକ ସର୍ଭେ କରି  ରିପୋର୍ଟ କରିବା ପାଇଁ କମ୍ୟୁନିଟି ଅର୍ଗାନାଇଜର ଏବଂ ଟିକସ ଅସୁଲକାରୀଙ୍କୁ ଦାୟୀତ୍ୱ ପ୍ରଦାନ କରିବା ସମୟରେ ସଠିକ୍ ତଥ୍ୟ ଦିଆଯାଇନଥିଲା । ତେଣୁ ସେମାନେ ଯାଂଚ କରିବା ସମୟରେ ହିତାଧିକାରୀମାନଙ୍କ ଆୟକୁ ଅନୁଧ୍ୟାନ କରିନାହାଁନ୍ତି ।  ଗୋଟିଏ ପରିବାରରେ ଯଦି ୩ଜଣ ଚାକିରିଆ ଏବଂ ଅନ୍ୟ ଜଣେ ବେକାରୀ ଅଛି ସେ ଗୁଡ଼ିକ ମଧ୍ୟ ଅନୁଧ୍ୟାନ କରାଯାଇନାହିଁ ।  ତେଣୁ ଏଭଳି ଅବ୍ୟବସ୍ଥା ପାଇଁ ତାରିଖ ନିର୍ଘଣ୍ଟ କରାଯାଉ  ନଚେତ  ଆମ୍ଭେମାନେ ପ୍ରତିବାଦ ଜଣାଇବୁ ବୋଲି ସୁଚାଇ ଦେଇଥିଲେ । କମ୍ୟୁନିଟି ଅର୍ଗାନାଇଜର ଏବଂ ଟିକସ ଅସୁଲକାରୀଙ୍କ ରିପୋର୍ଟରେ ତାଳମେଳ

ନଥିବାରୁ, ଏହାକୁ ପୁନର୍ବାର ଯାଁଚ କରାଯାଇ ରାସନ କାର୍ଡ଼ ବର୍ଣ୍ଣନ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ ।

❖ ଭତା ପ୍ରଦାନ କ୍ଷେତ୍ରରେ ପ୍ରତ୍ୟେକ ଓ୍ୱାର୍ଡ଼ରୁ ୪୨ ଜଣ ଲେଖାଏଁ ହିତାଧିକାରୀ ଚୟନ କରାଯାଇଥିବା ବେଳେ କାହିଁକି ସେମାନଙ୍କୁ ଭତା କାର୍ଡ଼ ପ୍ରଦାନ କରାଯାଇନାହିଁ । ତୁରନ୍ତ ଭତା କାର୍ଡ଼ ବର୍ଣ୍ଣନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଏନ୍.ୟୁ.ଏଲ.ଏମ୍. ଯୋଜନାରେ ଲୋନ ଫର୍ମ ଦୀର୍ଘ ଦିନ ଧରି ପଡ଼ିରହିଛି, କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ବାରମ୍ବାର ଏ ବାବଦରେ ଗୃହରେ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ତେଣୁ ବ୍ୟାଙ୍କ ସହିତ ଯୋଗାଯୋଗ କରାଯାଇ ଲୋନ ପ୍ରଦାନ କରାଯାଉ ନଚେତ୍ ସେମାନଙ୍କର ଖାତା ବନ୍ଦ କରଯାଉ ବୋଲି ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ Individual Toilet ନିର୍ମାଣ କରାଯିବାର ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ । ଲୋକମାନେ ଶୌଚାଳୟ ନିର୍ମାଣ କରିବା ପାଇଁ ଅପେକ୍ଷା କରିଛନ୍ତି ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ମୋ ଓ୍ୱାର୍ଡ଼ର ୨ ଗୋଟି Public Toilet ର ତଥ୍ୟ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଷ୍ଟିଓ୍ୱାର୍ଟ ପାଟଣା ସ୍ଥିତ ନିଗମରର ଜାଗାରେ ଥିବା ଏକ ସ୍କୁଲ ବନ୍ଦ ହୋଇଥିବାରୁ ଉକ୍ତ ସ୍କୁଲକୁ ଷ୍ଟିଓ୍ୱାଟ ପାଟଣା ଅଙ୍ଗନଓ୍ୱାଡ଼ୀ କେନ୍ଦ୍ର ଘୋଷଣା କରାଯିବା ସହିତ ଉକ୍ତ ଗୃହର ମରାମତି ବାବଦରେ ନିଗମ ସମସ୍ତ ଖର୍ଚ୍ଚ ବହନ କରି ଉକ୍ତ ଅଙ୍ଗନଓ୍ୱାଡ଼ୀ କେନ୍ଦ୍ରକୁ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବେଙ୍ଗ ଦେଇ ନାମକ ଜଣେ ହିତାଧିକାରୀଙ୍କ ଭତା ଆକାଉଣ୍ଟ ନଂ-୯୬୦, ଓ୍ୱାର୍ଡ଼ ନଂ-୧୬ରୁ ୯କୁ ପରିବର୍ତ୍ତନ କରାଯାଇଛି କିନ୍ତୁ ଓ୍ୱାର୍ଡ଼ ନଂ-୯ର ଭତା କେନ୍ଦ୍ରରେ ତାଙ୍କ ନାମ ନଥିବାରୁ ସେ ଦୀର୍ଘ ୪ ମାସ ହେବ ଭତା ପାଇବାରୁ ବଂଚିତ ହେଉଛନ୍ତି, ତୁରନ୍ତ ଆସନ୍ତା ମାସରେ ତାଙ୍କ ନାମକୁ ଓ୍ୱାର୍ଡ଼ ନଂ-୯ର ଭତା କେନ୍ଦ୍ରରେ ସାମିଲ କରାଯାଇ ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ବର୍ଯ୍ୟବସ୍ତୁ ଟେଣ୍ଡର ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ଆଗତ କରାଯାଇଥିଲା କିନ୍ତୁ ଶୁଣିବାକୁ ମିଳୁଛି ଉକ୍ତ ଟେଣ୍ଡରକୁ ରାଜ୍ୟ ସରକାର Cancel କରିଦେଇଛନ୍ତି । ତାହାର ସମ୍ପୂର୍ଣ୍ଣ ତଥ୍ୟ ଗୃହରେ ଉପସ୍ଥାପନା କରାଯାଉ । 1-4.3(d) tender condition ରେ ଜାଗୃତିକୁ ବାଦ ଦିଆଯାଇଥିଲା କିନ୍ତୁ ଅସ୍ଥାୟୀ ଭାବେ ବିବିଜି କୁ ସଫେଇ ଦାୟୀତ୍ୱ ନ୍ୟସ୍ତ କରାଯାଇଛି । ବିବିଜିର ବୋର୍ଡ଼ ଅଫ ଡ଼ାଇରେକ୍ଟର ମାନେ ଧଳ ସାମନ୍ତ ମକଦ୍ଦମାରେ ଅର୍ନ୍ତଭୁକ୍ତ ଥିବା ସହିତ କଳା ତାଲିକା ଭୁକ୍ତ ହୋଇଛନ୍ତି । ଉକ୍ତ ସଂସ୍ଥା ପରିମଳ କାର୍ଯ୍ୟଦକ୍ଷତା ବିଷୟରେ ଅଭିଜ୍ଞତା ନଥିବା ବେଳେ କିଭଳି ଭାବେ କୋଟି କୋଟି ଟଙ୍କା କାର୍ଯ୍ୟ ହସ୍ତାନ୍ତର କରାଗଲା ଏବଂ ବିନା ଓଜନରେ କିଭଳି ବିଲ ପ୍ରଦାନ କରାଯାଉଛି । ତେଣୁ ଅନୁଧାନ କରାଯାଇ ଉକ୍ତ ସଂସ୍ଥାର କାର୍ଯ୍ୟାଦେଶକୁ ନାକଚ କରାଯିବା ସହିତ ନିଗମ ଅଂଚଳରେ ପୁର୍ବରୁ ସଫେଇ କାର୍ଯ୍ୟ କରୁଥିବା ଛୋଟ ଛୋଟ ସଂସ୍ଥାମାନଙ୍କୁ ସଫେଇ ଦାୟୀତ୍ୱ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୨୦୧୩ ମସିହାଠାରୁ ୩୧.୦୩.୨୦୧୮ ମସିହା ପର୍ଯ୍ୟନ୍ତ ନିଗମର ଘର, ଗାଡ଼ି ଏବଂ ଅନ୍ୟାନ୍ୟ ସାମଗ୍ରୀ ରାମକୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ସେ ଗୁଡ଼ିକର ହିସାବ ଏବଂ ସ୍ୱତନ୍ତ୍ର ସମିକ୍ଷା କରାଯିବା ସହ ସମସ୍ତ ତଥ୍ୟ ଗୃହକୁ ଅବଗତ କରାଯିବା ନିମନ୍ତେ ଦାବି ଉପସ୍ଥାପନା କରିଥିଲେ ।

❖ ଦଶହରା ନିମନ୍ତେ ପ୍ରତ୍ୟେକ ୱାର୍ଡ଼କୁ ଦୁଇ ଓଳି ସଫେଇ କରାଯିବା ସହିତ ଦୈନିକ ୪ ଟ୍ରାକ୍ଟର ଆବର୍ଜନ ପରିବହନର ବ୍ୟବସ୍ଥା ସହ ତା ୦୧.୧୦.୨୦୧୮ ରିଖ ଠାରୁ ୩୧.୧୦.୨୦୧୮ରିଖ ପର୍ଯ୍ୟନ୍ତ ଅତିରିକ୍ତ କୁଲିର ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ଷ୍ଟୋର ରୁମରେ ଥିବା ପୁରୁଣା ଲାଇଟ ତଥା ହୋଡ଼ିଂ ସାମଗ୍ରୀ ଗୁଡ଼ିକ ନିଲାମ କରାଯାଉ । ନିଗମ ଅଂଚଳରେ ବକେୟା ଥିବା ସ୍ଥାନ ଗୁଡ଼ିକରେ ଏଲ୍‌ଇଡ଼ିର ବ୍ୟବସ୍ଥା କରାଯିବା ସହିତ ୪୫, ୬୦, ୯୦ ୱାଟର ବଲ୍‌ବ ସଂଗ୍ରହଣ କରାଯାଇ ଦଶହରା ପୂର୍ବରୁ ଲଗାଯାଉ । ଚନ୍ଦନ ପୋଖରୀ ରାସ୍ତା ଆଡ଼କୁ ଥିବା ନିଗମ ଜମିରେ ପ୍ରାଚେରୀ ନିର୍ମାଣ କରାଯାଇନଥିବାରୁ, ଯଥାଶିଘ୍ର ଉକ୍ତ ସ୍ଥାନରେ ପ୍ରାଚେରୀ ନିର୍ମାଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ସନ୍ଧ୍ୟା ସେଲିବ୍ରେସନ ମଣ୍ଡପ ମକଦ୍ଦମାର ସ୍ଥିତବସ୍ଥା କ'ଣ ତାହା ସହକାରୀ ଆଇନ ଅଧିକାରୀଙ୍କୁ ଡ଼କାଯାଇ ଗୃହକୁ ଅବଗତ କରାଯାଉ । ନିଗମର ବାଇ ଲ ରାଜ୍ୟ ସରକାରଙ୍କ ପାଖରୁ ଆସିପାରଲା ନାହିଁ, ଯଥାଶିଘ୍ର ତାହାକୁ ଅନୁଧାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର କଲ୍ୟାଣ ମଣ୍ଡରୁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଟିକସ ଆଦାୟ କରାଯାଉଥିବା ବେଳେ ଉକ୍ତ ମଣ୍ଡପର ଆନୁସଙ୍ଗୀକ ଉପକରଣ ଗୁଡ଼ିକୁ ମରାମତି କରାଯିବା ସହ ମଣ୍ଡପର ପୁର୍ନରୁଦ୍ଧାର କରାଯିବା ସହିତ ଆବଶ୍ୟକୀୟ ଆସବାସ ପତ୍ର ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବରିଷ୍ଠ କର୍ପୋରେଟର ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନଙ୍କ ପ୍ରସ୍ତାବକୁ ସମର୍ଥନ କରି ୫୯ ଜଣ କର୍ପୋରେଟରମାନଙ୍କର ସମୁହ ଫଟୋ ଉଠାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଖଟବିନସାହି କର୍ଲଭଟ ଭାଙ୍ଗିବା ପରେ ନୂତନ ଭାବେ ନିର୍ମାଣ କରାଯିବା ପାଇଁ ବାରମ୍ବାର ଆଲୋଚନା କରାଗଲେ ମଧ୍ୟ ଉକ୍ତ କଲର୍ଭଟ ଭଙ୍ଗାଯାଇ ନୂତନ କର୍ଲଭଟ ନିର୍ମାଣ କରାଯାଇପାରିଲା ନାହିଁ । ଫଳରେ ବର୍ଷାଦିନରେ ୱାର୍ଡ଼ ନଂ-୯, ୧୦, ୧୧, ୧୩, ୧୪ ଏବଂ ୧୯ ଆଦି ୱାର୍ଡ଼ ଗୁଡ଼ିକରେ ବର୍ଷାଜଳରେ ବୁଡ଼ିବାର ସମ୍ଭାବନା ଥିବାରୁ ସେଥିପାଇଁ ନିଗମ ପକ୍ଷରୁ ସଜାଗ ରହିବାକୁ ପ୍ରସ୍ତାବ ଦେଇଥିଲେ । ଉକ୍ତ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୪୦୭୭, ତା ୧୦.୧୧.୨୦୧୭ ହୋଇଥିଲେ ସୁଦ୍ଧା କୌଣସି ସମାଧାନ କରାଗଲା ନାହିଁ । ତେଣୁ ଉକ୍ତ ଅଂଚଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବା ପାଇଁ ତତ୍‌ପରତା ପ୍ରକାଶ କରାନଗଲେ ୭/୮ ଗୋଟି ମେଢ ପରଭ୍ରମଣ କରିପାରିବ ନାହିଁ ବୋଲି ସତର୍କ କରାଇଦେଇଥିଲେ ।

❖ ନିଗମରେ କାର୍ଯ୍ୟରତ ୬ ଜଣ ଡ଼ାଟା ଏଣ୍ଟ୍ରି ଅପରେଟର ବିଗତ ୧୦ ବର୍ଷରୁ ଉର୍ଦ୍ଧ ହେବ କାର୍ଯ୍ୟ କରିଆସୁଛନ୍ତି । ଅର୍ଥ ବିଭାଗ ଆଦେଶ ଅନୁସାରେ ସେମାନଙ୍କୁ ୫୨୦୦/- ଟଙ୍କା ପ୍ରଦାନ

କରାଯାଉଥିବାରୁ, ଉକ୍ତ ୬ଜଣ ଡ଼ାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ଅର୍ଥ ବିଭାଗ ନିର୍ଦ୍ଦେଶନାମା 34555/F, dt. 22.12.2016 ଅନୁଯାୟୀ ସେମାନଙ୍କର ଦରମା ବୃଦ୍ଧି କରାଯିବାକୁ ମାନ୍ୟବର ମେୟର ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୧୮ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଯେଉଁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ କିନ୍ତୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନାହିଁ । ନିଗମର ଅପାରଗତା ପାଇଁ ଯୋଗାଣ ଅଧିକାରୀ, କମ୍ୟୁନିଟି ଅର୍ଗାନାଇଜର ଏବଂ ଡ଼ିଲରମାନଙ୍କ ମଧୁଚନ୍ଦ୍ରିକାରେ ରାସନ କାର୍ଡ଼ ଚୟନ ତାଲିକା କର୍ପୋରେଟରମାନଙ୍କ ପାଇବା ପୁର୍ବରୁ ହିତାଧିକାରୀମାନଙ୍କ ନିକଟରେ ପହଁଚିଗଲାଣି । ୨୩ ହଜାର ମଧ୍ୟରୁ କେତେ କାର୍ଡ଼ କରାଯାଇଛି, କେତେ ବଂଚିତ ହେବେ ସେ ସମ୍ବନ୍ଧରେ ଜାଣିବାକୁ ଚାହିଁଥିଲେ ।
- ଭତା ପ୍ରଦାନ କ୍ଷେତ୍ରରେ ଚୟନ ସରିଯାଇଥିବା ବେଳେ ସରକାର ଭତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ କାହିଁକି ଭତା ପ୍ରଦାନ କରାଯାଇନାହିଁ । ତୁରନ୍ତ ଆସନ୍ତା ମାସରୁ ନୂତନ ଅଧିକାରୀମାନଙ୍କୁ ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ହୋଡ଼ିଂ ବାବଦରେ କୋଟି କୋଟି ଟଙ୍କା ଘୋଟାଲା କରାଯାଇଛି ବୋଲି ପୂର୍ବରୁ ଅଭିଯୋଗ ହୋଇଥିବାରୁ ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟିରେ ଅତିତରେ ନିଷ୍ପତି ଗ୍ରହଣ କରାଯାଇଥିଲା ଯେ ହୋଡ଼ିଂ ସଂସ୍ଥାମାନେ ବର୍ଷ ବର୍ଷ ଧରି ଟିକସ ପ୍ରଦାନ କରୁନାହାଁନ୍ତି ସେମାନଙ୍କ ଠାରୁ ୨୫ ପ୍ରତିଶତ ଜୋରିମାନା ଆଦାୟ କରାଯିବ । ପାତ୍ର ଏଜେନ୍ସି କହିଲା ମୁଁ ସମସ୍ତ ଟିକସ ନିଗମକୁ ପ୍ରଦାନ କରିଛନ୍ତି କିନ୍ତୁ ପରବର୍ତି ସମୟରେ ତଦନ୍ତ କରିବାରୁ ଜଣାପଡ଼ିଲା ଯେ ଉକ୍ତ ସଂସ୍ଥା ୭,୫୦୦ ବର୍ଗଫୁଟ ଚୋରି କରିଛି । ଉକ୍ତ ସଂସ୍ଥା ଉପରେ ୧ କୋଟି ୨୭ ଲକ୍ଷ ଟଙ୍କା ଟିକସ ଥିବା ବେଳେ ନିଗମକୁ ୨୭ ପଇସା ପ୍ରଦାନ କରିନାହିଁ । ପରବର୍ତି ସମୟରେ ସେମାନଙ୍କ ଉପରୁ ୨୦ ପ୍ରତଶତରୁ ୧୦ ପ୍ରତିଶତ ଟିକସ କାହା ସ୍ୱାର୍ଥରେ କମାଇଦିଆଗଲା ବୋଲି ଜାଣିବାକୁ ଚାହିଁଥିଲେ ।
- ନିଗମର ୪ ଗୋଟି ଇ ସେବା କେନ୍ଦ୍ର ଖୋଲାଯାଇଥିଲା, ତାହାକୁ କାହିଁକି ବନ୍ଦ କରାଗଲା । ତୁରନ୍ତ ଉକ୍ତ କେନ୍ଦ୍ର ଗୁଡ଼ିକ ଖୋଲାଯାଉ । ଉକ୍ତ କେନ୍ଦ୍ର ଖୋଲିବା ଦ୍ୱାରା ଜନସାଧାରଣ ବିଭିନ୍ନ ତଥ୍ୟ ଜାଣିବା ସହିତ ବିଭିନ୍ନ ଟିକସ ଉକ୍ତ କେନ୍ଦ୍ରରେ ସହଜରେ ପ୍ରଦାନ କରି ଉପକୃତ ହୋଇପାରିବେ ବୋଲି ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ଇତିଶ୍ରୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୨ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପୂର୍ବରୁ ତଦନ୍ତ ହୋଇ ପ୍ରସ୍ତୁତ ହୋଇ ରହିଥିବା ଜାତୀୟ ଖାଦ୍ୟ ସୁରକ୍ଷାରେ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ନିମନ୍ତେ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ କମିଟି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିବା ବେଳେ ସେଥି ମଧ୍ୟରୁ ଚୟନ କରାଗଲା ନାହିଁ । ସେହିପରି ଆବେଦନକରିଥିବା

ହିତାଧିକାରୀମାନଙ୍କୁ ଚୟନ କରାଯିବା ନିମନ୍ତେ କାର୍ଯ୍ୟାଳୟରୁ ଯେଉଁ କର୍ମଚାରୀମାନଙ୍କୁ ଦାୟୀତ୍ୱ ପ୍ରଦାନ କରାଗଲା ସେମାନେ ସଠିକ୍ ଭାବେ ଚୟନ କଲେନାହିଁ । ତେଣୁ ଯାଂଚ ସମୟରେ କର୍ପୋରେଟର ମାନଙ୍କ ସହିତ ଯୋଗାଯୋଗ କରି ଯାଂଚ କରାଯାଇଥିଲେ ସଠିକ୍ ତଥ୍ୟ ଆଧାରରେ ହିତାଧିକାରୀ ଚୟନ ହୋଇପାରିଥାନ୍ତେ । ତେଣୁ ଯାଂଚ ପକ୍ରିୟାରେ ୮୦ ପ୍ରତିଶତ ହିତାଧିକାରୀ ବାଦ୍ ପଡ଼ିଛନ୍ତି ଏବଂ ଡ଼ିଲର ମାନଙ୍କର ମଧୁଚନ୍ଦ୍ରିକାରେ କୋଠାଘର ଥିବା ହିତାଧିକାରୀ ମାନେ ଚାଳ ଏବଂ ଆଜବେଷ୍ଟ ଘର ପାଖରେ ଛିଡ଼ା ହୋଇ ଫଟୋ ଉଠାଇ ଚୟନ କରାଯାଇଛି ବୋଲି ତଥ୍ୟ ଉପସ୍ଥାପନ କରିଥିଲେ । ତେଣୁ ପୁନର୍ବାରୁ ଏହାକୁ ଯାଂଚ କରାଯାଇ ପ୍ରକୃତ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, ଅଧ୍ୟକ୍ଷ, ପ୍ଲାନିଂ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଯେଉଁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ କିନ୍ତୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନାହିଁ । ଯୋଗାଣ ଅଧିକାରୀ ଏବଂ ଡ଼ିଲରମାନଙ୍କ ମଧୁଚନ୍ଦ୍ରିକାରେ ରାସନ କାର୍ଡ଼ ଚୟନ ତାଲିକା କର୍ପୋରେଟରମାନେ ପାଇବା ପୁର୍ବରୁ ଡ଼ିଲର ମାନଙ୍କ ନିକଟରେ କିପରି ପହଁଚିଲା ବୋଲି ପ୍ରଶ୍ନ କରିବା ସହିତ ପୁନର୍ବାରୁ ଏହାକୁ ଯାଂଚ କରାଯାଇ ପ୍ରକୃତ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :</u>**

- ❖ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ କିନ୍ତୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନାହିଁ । ଉକ୍ତ ଯୋଜନାରେ କେହି ଜଣେ ଗରିବ ଲୋକ ଯେପରି ବଂଚିତ ନହେବ ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଯଦି ଜଣେ ହିତାଧିକାରୀ ଏହି ଯୋଜନାରେ ସାମିଲ ନହୁଅନ୍ତି ତେବେ ବାଧ୍ୟ ହୋଇ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନି ଦେଇଥିଲେ । ଯଦି କୌଣସି ଅସୁବିଧାର ସମ୍ମୁଖିନ ହେଉଛନ୍ତି ତେବେ କର୍ପୋରେଟର ମାନଙ୍କୁ ଡ଼କାଯାଉଛି ତେବେ ଯାଂଚ ସମୟରେ କର୍ପୋରେଟରମାନଙ୍କୁ କାହିଁକି ସାମିଲ କରାଗଲା ନାହିଁ । ତୁରନ୍ତ କର୍ପୋରେଟର ମାନଙ୍କୁ ତାଲିକା ପ୍ରଦାନ କରାଯାଉ ଏବଂ ଦୁଇ ଦିନ ମଧ୍ୟରେ ଏକ ସମିକ୍ଷା ବୈଠକ କରାଯାଇ କାର୍ଡ଼ ପ୍ରଦାନର ବ୍ୟବସ୍ଥା କରାଯିବାକୁ ମାନ୍ୟବର ମେୟର ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ ଭତା ପ୍ରଦାନ କ୍ଷେତ୍ରରେ ଚୟନ ସରିଯାଇଥିବା ବେଳେ ସରକାର ଭତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ତୁରନ୍ତ ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ୱାର୍ଡ଼ ୱାରୀ ୫୦ ଲକ୍ଷ ଅନୁଦାନ ମଧ୍ୟରୁ ଯେଉଁ ଯେଉଁ କାର୍ଯ୍ୟ କରାଯାଇନାହିଁ ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇ, ତୁରନ୍ତ କାର୍ଯ୍ୟାରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଚଳିତ ବର୍ଷ ଦଶହରା ଉପଲକ୍ଷେ ପ୍ରତ୍ୟେକ ୱାର୍ଡ଼କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯାଇ ଉକ୍ତ ୱାର୍ଡ଼ ଗୁଡ଼ିକର ରାସ୍ତା, ଡ୍ରେନ ଉନ୍ନତି କରଣ ତଥା ମରାମତି କାର୍ଯ୍ୟକୁ ଆସନ୍ତା ୧୦ ତାରିଖ ମଧ୍ୟରେ ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- Housing for All Schemeରେ ସମସ୍ତଙ୍କୁ ଗୃହ ଯୋଗାଇଦେବା ପାଇଁ କାହିଁକି ବିଳମ୍ବ କରାଯାଉଛି, ସେଥିପ୍ରତି ଧ୍ୟାନ ଦିଆଯାଉ ଏବଂ ଯେଉଁ ହିତାଧିକାରିମାନେ ଗୃହ ନିର୍ମାଣ ବାବଦରେ ତୃତୀୟ ପର୍ଯ୍ୟାୟ କିସ୍ତି ପାଇନାହାଁନ୍ତି ଏକ ସପ୍ତାହ ମଧ୍ୟରେ ନିଷ୍ପତି ଗ୍ରହଣ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଆମ ମୁଖ୍ୟମନ୍ତ୍ରୀ "ଆମ କଥା" କାର୍ଯ୍ୟକ୍ରମରେ ୫ ଗୋଟି ମହାନଗର ସମେତ ପୁରୀ ପୌର ପାଳିକାକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ସହର ଭାବେ ଗଢ଼ି ତୋଳିବାକୁ ଘୋଷଣା କରିଥିବାରୁ କଟକ ସହରକୁ ପଲିଥିନ ମୁକ୍ତ କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ, କିନ୍ତୁ କଟକ ସହର ଓଡ଼ିଶାର ବ୍ୟବସାୟୀକ  ରାଜଧାନୀ । ପ୍ରତ୍ୟେକ ଗଳି କନ୍ଦିରେ ଛୋଟ ବଡ଼ ବ୍ୟବସାୟୀ ମାନେ ଅସୁବିଧାର ସମ୍ମୁଖିନ ହେବେ ତେଣୁ ବିକଳ୍ପ ବ୍ୟବସ୍ଥା କରାଯାଉ ନଚେତ୍ ପ୍ରତିବାଦର ସମ୍ମୁଖିନ ହେବାକୁ ପଡ଼ିବ ।ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ମୃତ ପଶୁ ପକ୍ଷୀଙ୍କୁ ଏଣେ ତେଣେ ନପାଇ ସେମାନଙ୍କର ଶବଦାହ କରାଯିବା ନିମନ୍ତେ ଏକ ନିର୍ଦ୍ଧିଷ୍ଟ ସ୍ଥାନ ଚିହ୍ନଟ କରାଯାଇ  ଏହାକୁ କାର୍ଯ୍ୟକାରୀ କରାଗଲେ ପରିବେଶ ପ୍ରଦୁଷିତ ହେବ ନାହିଁ  । ଜନସାଧାରଣମାନେ ରାସ୍ତାଘାଟରେ କୁକୁର, ବିଲେଇ, ଗାଇଗୋରୁ ଆଦି ପକାଇବା ଦ୍ୱାରା  ପରିବେଷ ଦୁଷିତ ହେଉଛି । ଏ ବାବଦରେ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ୍ କମିଟି ଏବଂ ଗତ ପରିଷଦ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ଜାଗା ଚିହ୍ନଟ କରାଯାଇନଥିବାରୁ, ଯଥାଶିଘ୍ର ଏ ବାବଦରେ ପଦକ୍ଷେପ ଗ୍ରହଣ  କରାଯିବାକୁ  ପ୍ରସ୍ତାବ ଦେଇଥିଲେ ।
- ନିଗମରେ କାର୍ଯ୍ୟରତ ୬ ଜଣ ଡ଼ାଟା ଏଣ୍ଟ୍ରି ଅପରେଟର ବିଗତ ୧୦ ବର୍ଷରୁ ଉର୍ଦ୍ଧ ହେବ କାର୍ଯ୍ୟ କରିଆସୁଛନ୍ତି । ସେମାନଙ୍କୁ ଗ୍ରେଡ଼ ପେ ପ୍ରଦାନ କରାଯିବା ନିମନ୍ତେ କାର୍ଯ୍ୟାଳୟରୁ ତା ୩୦.୦୮.୨୦୧୮ରିଖରେ ଏକ ଆଦେଶ ଜାରିକରାଯାଇଥିବା ବେଳେ କେଉଁ ଉଦ୍ଦେଶ୍ୟରେ ତା ୦୫.୦୯.୨୦୧୮ରିଖ ପୂର୍ବତନ କମିଶନର ନିଗମରୁ Relieve ହେବା ଦିନ ଶେଷ ମୂହୁର୍ତରେ ଉକ୍ତ ଆଦେଶକୁ ସ୍ଥଗିତ ରଖିଲେ । **ଅର୍ଥ ବିଭାଗ ଆଦେଶ ଅନୁସାରେ ସେମାନଙ୍କୁ ୫୨୦୦/- ଟଙ୍କା ପ୍ରଦାନ କରାଯାଉଥିବାରୁ, ଉକ୍ତ ୬ଜଣ ଡ଼ାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ଅର୍ଥ ବିଭାଗ ନିର୍ଦ୍ଦେଶନାମା 34555/F, dt. 22.12.2016 ଅନୁଯାୟୀ ଗ୍ରେଡ଼ ପେ ପ୍ରଦାନ  କରାଯିବାର ବ୍ୟବସ୍ଥା କରାଯିବାକୁ ମାନ୍ୟବର ମେୟର ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।**
- ମାନ୍ୟବର ସାଂସଦ ଏବଂ ବିଧାୟକମାନଙ୍କ ପାଣ୍ଠିରେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପ୍ରଦାନ କରିଥିବା ଅନୁଦାନ ଖର୍ଚ୍ଚ ନକରାଯାଇ ନିଗମରେ ପଡ଼ିରହିଛି । ବର୍ଷ ବର୍ଷ ଧରି ନଥି ଗୁଡ଼ିକ ପଡ଼ିରହିଛି  । ଯଥାଶିଘ୍ର ଏହାକୁ ଅନୁଧ୍ୟାନ କରାଯାଇ ଏକ ମାସ ମଧ୍ୟରେ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସ୍ୱୟଂ ସହାୟକ ଗୋଷ୍ଠି ଗୁଡ଼ିକ ଋଣ ପାଇବା ପାଇଁ ବ୍ୟାଙ୍କରେ ଖାତା ଖୋଲିବା ସହିତ ପ୍ରୋଜେକ୍ଟ ରିପୋର୍ଟ ବ୍ୟାଙ୍କ ଗୁଡ଼ିକୁ ପ୍ରଦାନ କରି ବର୍ଷ ବର୍ଷ ଧରି ଅପେକ୍ଷା କରି ରହୁଛନ୍ତି । ତେଣୁ ବ୍ୟାଙ୍କ ସମୁହ ସହିତ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବା ସହିତ ବ୍ୟାଙ୍କ ମାନେ ଯଦି ଋଣ ପ୍ରଦାନ ନକରିବେ ତେବେ ଉକ୍ତ ବ୍ୟାଙ୍କରେ ଥିବା ନିଗମର ଜମାଖାତାକୁ ବନ୍ଦ କରିଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନ ଯୋଜନାରେ କାର୍ଯ୍ୟ କରାଯାଉନଥିବାରୁ, ଯଥାଶିଘ୍ର ରାଜ୍ୟ ସରକାରଙ୍କୁ ପତ୍ରାଳାପ କରାଯାଇ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୪ :**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବୈଠକରେ ପାଟିତୁଣ୍ଡ କରି କରି ଦୀର୍ଘ ୪ ବର୍ଷ ଅତିବାହିତ ହୋଇଗଲା କିନ୍ତୁ ଲୋକମାନେ ଯାହା ଆଶା ରଖିଥିଲେ ସେଥିପାଇଁ ବାସ୍ତବବାଦୀ ଚିନ୍ତା ଧାରାରେ ଆମ୍ଭେମାନେ କାର୍ଯ୍ୟ କରିପାରିଥିଲେ ପ୍ରଶଂସା ଭାଜନ ହୋଇପାରିଥାନ୍ତେ । ସହରର ପରିମଳରେ ସୁଧାର ଆଣିପାରିଲେ ନା ରାସ୍ତା ଘାଟ, ଆଲୋକ ଆଦି ମୌଳିକ ସୁବିଧା ଯୋଗାଇ ପାରିଲେ । ସ୍ୱଛ ସର୍ବେକ୍ଷଣ ନିଗମ ଯାହା ମାର୍କ ପାଇଲା ତାହା ଠାରୁ ବଳି ଲଜ୍ୟା ତଥା ନନିନ୍ଦନୀୟ ଘଟଣା ଆଉ କ'ଣ ହୋଇପାରେ ବୋଲି କ୍ଷୋଭର ସହ ପ୍ରକାଶ କରିଥିଲେ ।
- ❖ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଯେଉଁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ କିନ୍ତୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନାହିଁ । ଉକ୍ତ ଯୋଜନାରେ କେହି ଜଣେ ଗରିବ ଲୋକ ଯେପରି ବଂଚିତ ନହେବ ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଡ଼ିମ୍ ଡ଼ିମା ପିଟୁଥିବା ବେଳେ ରାସନକାର୍ଡ଼ ସର୍ଭେ ସଠିକ୍ ଭାବେ କରାଗଲାନାହିଁ । ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଦାଦାଗିରି କରି ମନଇଛା ଡ଼ିଲର ମାନଙ୍କ ମଧୁଚନ୍ଦ୍ରିକାରେ ଯାଂଚ କରାଯାଇ ହିତାଧିକାରୀ ଚୟନ କରାଯାଇଛି । କର୍ପୋରେଟର ମାନଙ୍କୁ ଯୋଗାଯୋଗ କରାଗଲା ନାହିଁ । ବିକାଶ ଭବନ ଠାରେ ଆର୍‌ସିଏମ୍ କେନ୍ଦ୍ରରେ କାଯ୍ୟ କରୁଥିବା ୨ ଜଣ ଝିଅଙ୍କ ବ୍ୟବହାର କର୍ପୋରେଟର ମାନଙ୍କ ପ୍ରତି ଠିକ୍ ନାହିଁ , କିନ୍ତୁ ଡ଼ିଲରମାନେ ଉକ୍ତ କେନ୍ଦ୍ରରେ ଯଥୋଚିତ ସମ୍ମାନ ପାଇ କଳାକୁ ଧଳା କରିପାରୁଛନ୍ତି ଯାହାର ଉଦାହରଣ କପର୍ପୋରେଟର ମାନଙ୍କୁ ତାଲିକା ପ୍ରଦାନ ନକରାଯାଇ ଡ଼ିଲରମାନଙ୍କ ପାଖରେ ପହଁଚିଗଲା । ତେଣୁ ସଠିକ୍ ଭାବେ ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯିବାକୁ ପ୍ରସ୍ତାବ ଦେଇଥିଲ ।
- ❖ କେନ୍ଦ୍ର ଖାଦ୍ୟ ସୁରକ୍ଷା ଆଇନ୍‌ରେ ନିଗମର ଅବହେଳା ପାଇଁ ୨୩ ହଜାର କାର୍ଡ଼ ବ୍ଲକକୁ ପଳାଇଗଲା । ଯାହାକି କଟକ ମହାନଗର ପାଇଁ ଉଦ୍ଦିଷ୍ଟ ଥିଲା । ବର୍ତମାନ ପର୍ଯ୍ୟନ୍ତ ଉକ୍ତ କାର୍ଡ଼ ଫେରସ୍ତ ଅଣାଯିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରିଲା ନାହିଁ । ଯଦି ସେହି ୨୩ ହଜାର କାର୍ଡ଼ ନିଗମକୁ ଆସିପାରିଥାନ୍ତା ତେବେ ସହରରେ କାର୍ଡ଼ ସମସ୍ୟା ରହିନଥାନ୍ତା ବୋଲି ସୁଚାଇ ଦେଇଥିଲେ ।
- ❖ ନିଗମର ବର୍ଯ୍ୟବସ୍ତୁ ଟେଣ୍ଡର ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ଆଗତ କରାଯାଇଥିଲା କିନ୍ତୁ ଶୁଣିବାକୁ ମିଳୁଛି ଉକ୍ତ ଟେଣ୍ଡରକୁ ରାଜ୍ୟ ସରକାର ରଦ୍ଦ କରିଦେଇଛନ୍ତି । ଯଦି ତାହା ସତ ହୋଇଥାଏ ତେବେ ତୁରନ୍ତ ପୁନଃ ଟେଣ୍ଡର କରାଯାଇ କଟକ ସହରକୁ ମୌଳିକ ସେବା ଯୋଗାଇଦେବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ଆଯୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ କେରଳ ବନ୍ୟା ପିଡ଼ିତ ମାନଙ୍କ ପାଇଁ ସବୁ ଆଡୁ ସାହାର୍ଯ୍ୟ କରାଯାଉଥିବା ବେଳେ ନିଗମର ପ୍ରତ୍ୟେକ କର୍ମଚାରୀ ମାନଙ୍କ ଦରମାରୁ ଟ. ୫୦୦/-ଙ୍କା ଲେଖାଏଁ କଟାଯାଇ କାହିଁକି ପ୍ରଦାନ କରାଗଲା । କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରାଯିବା ପରେ ସେମାନଙ୍କୁ ମଗାଯାଇଥାନ୍ତା ସେମାନେ ତାଙ୍କ ପ୍ରାପ୍ୟ ଅନୁସାରେ ଯାହା ପ୍ରଦାନ କରିଥାନ୍ତେ କିନ୍ତୁ କେଉଁ ଆଇନ ବଳରେ ମେହେନ୍ତର ବା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମାରୁ କଟାଗଲା । ମୁଖ୍ୟମନ୍ତ୍ରୀଙ୍କୁ ଯଦି ସନ୍ତୁଷ୍ଟ କରିବାର ଥିଲା ତେବେ ନିଜେ ପଇସା ଦେଇ ସନ୍ତୁଷ୍ଟ କରିଥାନ୍ତେ । କିନ୍ତୁ ସାଧାରଣ କର୍ମଚାରୀଙ୍କ ଦରମାରୁ କଟାଯାଇଥିବା ଟଙ୍କାକୁ ତୁରନ୍ତ ଫେରସ୍ତ କରାଯାଉବୋଲି ଦାବି କରିଥିଲେ । ଯିଏ କି ୫୦ ହଜାର ଟଙ୍କା ଦରମା ପାଉଛି ସିଏ ଦେବ ୫୦୦ ଏବଂ ଯିଏ ୧୫ ହଜାର ଟଙ୍କା ଦରମା

ପାଉଛି ସିଏ ବି ଦେବ ୫ ଶହ ଏହା କେଉଁ ପ୍ରକାର ନ୍ୟାୟ । ଏଥିରେ କର୍ମଚାରୀଙ୍କ ଅଧିକାର କ୍ଷୁର୍ଣ୍ଣ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ ।

- ❖ ନିଗମର କ୍ୱାଟର ଗୁଡ଼ିକ ଠିକ୍ ଭାବେ ଆବଣ୍ଟନ କରାଯାଇନାହିଁ । ନୀତି ନିୟମ ଉଲଂଘନ କରାଯାଇ କ୍ୱାଟର ଆବଣ୍ଟନ କରାଯାଇଛି । ଜଣେ ଟିକସ ଅସୁଲକାରୀ ନିଗମର କ୍ୱାଟର ପାଇ ରହିଆସୁଥିବା ବେଳେ ପୁର୍ନବାର କିଭଳି ଅଫିସରଙ୍କ କ୍ୱାଟର ପ୍ରଦାନ କରାଗଲା । ଅନ୍ୟ କର୍ମଚାରୀମାନେ କ୍ୱାଟର ପାଇବା ନିମନ୍ତେ ଆବେଦନ କରି ବର୍ଷ ବର୍ଷ ଧରି ଅପେକ୍ଷା କରି ପାଇପାରୁନାହାଁନ୍ତି । ନିଗମରେ ଟିକସ ଅସୁଲକାରୀ ଅଭାବ ପରିଲକ୍ଷୀତ ହେଉଥିବା ବେଳେ ଦୂର୍ଗା ଆଚାର୍ଯ୍ୟଙ୍କୁ ଟିକସ ଅସୁଲକାରୀ ଦାୟୀତ୍ୱ ପ୍ରଦାନ କରାନଯାଇ ଅନ୍ୟ ବିଭାଗରେ କାହିଁକି କାର୍ଯ୍ୟ କରୁଚନ୍ତି । ତୁରନ୍ତ ତାଙ୍କୁ ଟିକସ ବିଭାଗକୁ ଅଣାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ଖାନ୍‌ନଗର ଶ୍ମଶାନ ସ୍ଥିତ ଗ୍ୟାସ ଚୁଲା ଦୀର୍ଘ ମାସ ହେଲା ଖରାପ ଅଛି, ସହରର ଏକ ଗୁରୁତ୍ୱପୁର୍ଣ୍ଣ ଶ୍ମଶାନ । ତେଣୁ ତୁରନ୍ତ ଉକ୍ତ ଶ୍ମଶାନର ଚୁଲା ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଷଲ ।
- ❖ ଓ୍ୱାର୍ଡ଼ ଓ୍ୱାରୀ ଭତା ପ୍ରଦାନ ପାଇଁ ଭତା କେନ୍ଦ୍ର ଖୋଲାଯିବା ନିମନ୍ତେ ପୂର୍ବରୁ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ୍ୟ ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ବୃଦ୍ଧ, ବୃଦ୍ଧା ମାନେ ଭତା ନେବାକୁ ଆସୁଥିବା ବେଳେ ପ୍ରାୟ ଅପରାହ୍ନ ୩/୪ ଘଟିକା ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି । ଏତଦ୍ ବ୍ୟତିତ ଭତାକେନ୍ଦ୍ର ମାନଙ୍କରେ ବସିବା ପାଇଁ ବ୍ୟବସ୍ଥା କରାଯିବା ସହିତ ପାନୀୟ ଜଳର ବ୍ୟବସ୍ଥା କରାଯାଉ । ଅନ୍ୟଥା ବୁଢ଼ା ବୁଢ଼ୀ ମାନଙ୍କୁ ନିର୍ଯ୍ୟାତନା ଦିଆନଯାଉ ବୋଲି ସୂଚାଇ ଦେଇଥିଲେ ।
- ❖ ନିଗମକୁ ବିବାହ ପଂଜୀକରଣ ନିମନ୍ତେ ଆସୁଥିବା ଲୋକମାନଙ୍କ ନିମନ୍ତେ ବସିବା ସହ ପାନୀୟ ଜଳ ଯୋଗାଇଦେବା ବ୍ୟବସ୍ଥା କରାଯାଉ ନାହିଁ । ପଂଜୀକରଣ ବାବଦରେ ସେମାନଙ୍କ ଠାରୁ ୧୫୦୦/-ଟଙ୍କା ଆଦାୟ କରାଯାଉଥିବା ବେଳେ କୌଣସି ସୁବିଧା ପ୍ରଦାନ କରାଯାଉନଥିବାରୁ, ଏଥିପ୍ରତି ଧ୍ୟାନ ଦେବାକୁ ପ୍ରସ୍ତାବ ଦେଇଥିଲେ ।
- ❖ କୁକୁର ବନ୍ଧ୍ୟାକରଣ କାର୍ଯ୍ୟ କାହିଁକି କରାଯାଇନାହିଁ । କୁକୁରଙ୍କ ସଂଖ୍ୟା ବଢ଼ିଯିବା ଫଳରେ ଜନସାଧାରଣ ଦୈନିକ ଛୋଟ ବଡ଼ ଦୁର୍ଘଟଣାର ସିକାର ହେଉଛନ୍ତି । ତେଣୁ ଯଥାଶିଘ୍ର କୁକୁର ବନ୍ଧ୍ୟାକରଣ କରାଯିବା ସହିତ କୁକୁର ଲାଇସେନ୍ସ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଏତଦ୍ ବ୍ୟତୀତ ଗାଇ, ଗୋରୁ, ଘୁସୁରୀ ମାନେ ଅବାଧରେ ରାଜ ରାସ୍ତାରେ ଉତ୍‌ପାତ କରୁଛନ୍ତି ତୁରନ୍ତ ଏହାର ପ୍ରତିକାର କରାଯିବା ସହିତ କାଂଚିଆହୁଦାକୁ କାର୍ଯ୍ୟକ୍ଷମ କରାଯିବାକୁ ପସ୍ତାବ ଦେଇଥିଲେ । ।
- ❖ ଅମୃତ ପାର୍କ ଗୁଡ଼ିକରେ ଘାସ ବଢ଼ି ଗଲାଣି, ତୁରନ୍ତ ଉକ୍ତ ପାର୍କ ଗୁଡ଼ିକର ରକ୍ଷଣା ବେକ୍ଷଣ କରାଯିବାକୁ ଦାୟୀତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଆସନ୍ତା ଦଶହରାକୁ ଦୃଷ୍ଟିରେ ରଖାଯାଇ କୁଲି, ଟ୍ରାକ୍ଟର, ବୃସ୍ କଟର, ବବ୍‌କ୍ୟାଟ, ଲ୍ୟାଡ଼ରର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ କମ୍ୟୁନିଟି ଅର୍ଗାନାଇଜର ମାନଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତି ହୋଇଥିଲା । ରାଜ୍ୟ ସରକାରଙ୍କ ପତ୍ରାନୁଯାୟୀ ସେମାନଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ କରାଯାଉ ଏବଂ ପ୍ରତ୍ୟେକ ମାସରେ ସେମାନଙ୍କୁ ଦରମା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ନମିତା ମଞ୍ଜରି ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଏନ୍‌ବିସିସି ଶୌଚାଳୟ କାର୍ଯ୍ୟ ଆରମ୍ଭ କରାନଯିବା ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବାକୁ ବସିଲାଣି । ଜନସାଧାରଣ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଲେଣି । ତେଣୁ ତୁରନ୍ତ ଏନ୍‌ବିସିସିକୁ ନିର୍ଦ୍ଦେଶ ଦିଆଯାଇ ଏକ ମାସ ମଧ୍ୟରେ ଶୌଚାଳୟ କାର୍ଯ୍ୟ ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଏନ୍‌ବିସିସିକୁ ଡ଼କାଯିବା ନିମନ୍ତେ ବୈଠକରେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ବୈଠକ ଡ଼କାଯାଉନାହିଁ । ୱାର୍ଡ଼ରେ ଶୌଚାଳୟ କାର୍ଯ୍ୟ ୧୦ ରୁ ୨୦ ପ୍ରତିଶତ କରିଛି । ୬ ମମାସରୁ ଉର୍ଦ୍ଧ ହେବ କାର୍ଯ୍ୟ ବନ୍ଦ ଅଛି । ସେଥିପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରୋଜେକ୍ଟ ସମ୍ମାନ ଶୌଚାଳୟରେ ପାଣି ସଂଯୋଗ ଆବଶ୍ୟକ । ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାଣି ସଂଯୋଗ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସହିଦ ପାର୍କର ଉତମ ରକ୍ଷଣା ବେକ୍ଷଣ ନିମନ୍ତେ ପିପିପି ମାଧ୍ୟମରେ ଏଲ୍‌ଆଇସିକୁ ଦେବା ନିମନ୍ତେ ଆୟୁକ୍ତଙ୍କୁ ଅନୁରୋଧ କରିଥିଲେ । ଉକ୍ତ ପାର୍କରେ ସ୍ଥାପନ କରାଯାଇଥିବା **GYM Equipments** ଗୁଡ଼ିକ ଉପଯୁକ୍ତ ତତ୍ତ୍ୱାବଧାନରେ ରକ୍ଷଣାବେକ୍ଷଣ କରାନଗଲେ ନଷ୍ଟ ହୋଇଯିବ ତେଣୁ ଏହାର ରକ୍ଷଣବେକ୍ଷଣ ଦାୟୀତ୍ୱ ଏଲ୍‌ଆଇସିକୁ ପ୍ରଦାନ କରାଗଲେ ପାର୍କ ସୁରକ୍ଷିତ ରହିବ ବୋଲି ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ରେ ୧୦୦ରୁ ଉର୍ଦ୍ଧ ସ୍ୱୟଂ ସହାୟକ ଗୋଷ୍ଠୀ ଥିବା ବେଳେ କମ୍ୟୁନିଟି ହଲ ନାହିଁ । ଫଳରେ ମହିଳାମାନେ ବୈଠକ କରିବା ନିମନ୍ତେ ସୁଯୋଗ ହୋଇପାରୁନାହିଁ । ସରକାରଙ୍କ ନାରୀ ସଶକ୍ତି କରଣ ଯୋଜନା ୱାର୍ଡ଼ରେ ସଫଳ ରୁପାୟନ ହୋଇପାରୁନାହିଁ । ତେଣୁ ସର୍ଭେ ବିଭାଗ ଦ୍ୱାରା ଜାଗା ଚିହ୍ନଟ କରାଯାଇ, କମ୍ୟୁନିଟି ହଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୩ମାସ ହେବ ଭତା ପ୍ରଦାନ ନିମନ୍ତେ ହିତାଧିକାରୀ ଚୟନ ହୋଇ ଭତା କାର୍ଡ଼ ପ୍ରସ୍ତୁତ ସରିଥିଲେ ମଧ୍ୟ ଉକ୍ତ କାର୍ଡ଼ ବଣ୍ଟନ କରାଯାଇପାରିଲା ନାହିଁ । ଏମାନଙ୍କ ମଧ୍ୟରୁ କେତେକ ହିତାଧିକାରୀ ଭତା ନପାଇ ମୃତ୍ୟୁ ବରଣ କଲେଣି । ଏହାଠାରୁ ବଡ଼ ନିନ୍ଦନୀୟ ଘଟଣା କଣ ହୋଇପାରେ । ତେଣୁ ଯଥାଶିଘ୍ର ହିତାଧିକାରୀ ମାନଙ୍କୁ ଭତା କାର୍ଡ଼ ବଣ୍ଟନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଯେଉଁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ କିନ୍ତୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନାହିଁ । କମ୍ୟୁନିଟି ଅର୍ଗାନାଇଜରମାନେ ଲୋକଙ୍କ ଘର ମଧ୍ୟକୁ ନଯାଇ ବାହାରୁ ଫଟୋ ଉଠାଇ ଅଯୋଗ୍ୟ ଘୋଷଣା କରିଛନ୍ତି । ତେଣୁ ସଠିକ୍ ଭାବେ ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଉ ନଚେତ ସେମାନେ ନ୍ୟାୟାଳୟକୁ ଯିବେ ବୋଲି ସୂଚାଇ ଦେଇଥିଲେ

❖ ଦଶହରାକୁ ଦୃଷ୍ଟିରେ ରଖାଯାଇ ଯେଉଁ ଏଲ୍‌ଇଡ଼ି ଲାଇଟ ଗୁଡ଼ିକ ଜଳୁନାହିଁ ଯଥାଶିଘ୍ର ସେଗୁଡ଼ିକର ମରାମତି କରାଯିବା ନିମନ୍ତେ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମରେ ଅଧିକାରୀ /କିରାଣୀ ମାନଙ୍କର କ୍ୱାଟର ଅଛି କିନ୍ତୁ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ପାଇଁ ନିଗମ ଅଂଚଳରେ ରହିବା ପାଇଁ ବାସଗୃହ ନିର୍ମାଣ କରାଯାଇ ଅବସ୍ଥାପିତ କରାଯାଉ । କାରଣ ଜଳବନ୍ଦୀ ସମୟରେ ସେମାନେ ଜଳବନ୍ଦିରେ ଥିବା ବେଳେ କିଭଳି ୱାର୍ଡ଼ର କାର୍ଯ୍ୟ କରିପାରିବେ ବୋଲି ପ୍ରଶ୍ନ କରିଥିଲେ ।

**ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଶ୍ରୀଯୁକ୍ତ ରମଜାନ ଖାନ ଏବଂ ରଂଜନ କୁମାର ବିଶ୍ୱାଳଙ୍କ ମତକୁ ସମର୍ଥନ କରି ଆବେଦନକାରୀ ମାନଙ୍କ ଆବେଦନ ଫର୍ମ କାର୍ଯ୍ୟାଳୟରେ ଦାଖଲ ଥାଇ ମଧ୍ୟ ରେକର୍ଡ଼ ନଟ ଫାଉଣ୍ଡ କେମିତି ସମ୍ଭବ ବୋଲି ବୈଧାନିକ ପ୍ରଶ୍ନ ଉତ୍ଥାପନ କରିଥିଲେ । ତେଣୁ ୫୯ ଗୋଟି ୱାର୍ଡ଼ର କର୍ପୋରେଟରମାନେ ହିତାଧିକାରୀମାନଙ୍କ ଠାରୁ ରାସନକାର୍ଡ଼ ଫର୍ମ ସଂଗ୍ରହ କରି କାର୍ଯ୍ୟାଳୟରେ ପ୍ରଦାନ କରିବେ । ଉକ୍ତ ଆବେଦନ ଫର୍ମ ଗୁଡ଼ିକ ତୁରନ୍ତ ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀ ମାନଙ୍କୁ ରାସନ କାର୍ଡ଼ ପ୍ରଦାନ କରାଯାଉ ବୋଲି ଦୃଢ ଦାବି ଉପସ୍ଥାପନା କରିଥିଲେ ।

❖ ଷ୍ଟାଣ୍ଡିଂ କମିଟି ଏବଂ କାଉନସିଲ ବୈଠକରେ ପାରିତ ହୋଇଥିବା ୧୦ ପ୍ରତିଶତ ଗୃହ ଟିକସ ଜୋରିମାନା ଆଦେଶକୁ ରଦ୍ଦ କରାଯିବା ନିମନ୍ତେ ଦାବି ଉପସ୍ଥାପନା କରିଥିଲେ ।

❖ ଗତ ସ୍ୱତନ୍ତ୍ର ଅଧିବେଶନରେ ୩ ଜଣ ଲେଖାଏଁ ଅତିରିକ୍ତ କୁଲି ପ୍ରତ୍ୟେକ ୱାର୍ଡ଼କୁ ଏକ ମାସ ବ୍ୟାପି ଯୋଗାଇଦେବା ନିମନ୍ତେ ଆଗତ କରାଯାଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ ବୋଲି ଦାବି ଉପସ୍ଥାପନା କରିଥିଲେ ।

❖ ଗତ କାଉନସିଲ ବୈଠକକୁ ଆସିବା ବେଳେ ଲିଫ୍ଟ ବନ୍ଦ ହୋଇଯାଇଥିଲା, ଏ ସମ୍ବନ୍ଧରେ ମାନ୍ୟବର ମେୟରଙ୍କୁ ମଧ୍ୟ ଜଣାଇଥିଲି । ଏହିପରି ବାରମ୍ବାର ବନ୍ଦ ହେଉଥିବାରୁ ତାହାର ସିଷ୍ଟମ ନୂତନ ଟେକ୍ନୋଲୋଜିରେ ଲଗାଯାଉ ଯାହାକି ବନ୍ଦ ହୋଇଗଲେ ମଧ୍ୟ ନିକଟସ୍ଥ ଫ୍ଲୋରରେ ଖୋଲିଯିବ । ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ଦାବି ଉପସ୍ଥାପନା କରିଥିଲେ ।

❖ ଗତ ସ୍ୱତନ୍ତ୍ର ବୈଠକରେ ଦଶହରା ନିମନ୍ତେ ୱାର୍ଡ଼ର ରାସ୍ତା, ଡ୍ରେନ ତଥା ମରାମତି କାର୍ଯ୍ୟ ପାଇଁ ୱାର୍ଡ଼ ୱାରୀ ୧୦ ଲକ୍ଷ ଟଙ୍କାର ଅନୁଦାନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ଚାରୁଲତା ସାହୁ, କର୍ପୋରେଟର, ୱାର୍ଡ଼ ନଂ-୧୯ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଆସନ୍ତା କାଲିଠାରୁ ଷୋଳପୂଅ ମା ପୂଜା ଆରମ୍ଭ ହେବାକୁ ଥିବା ବେଳେ ତନ୍ତିସାହି ଏବଂ ୱାର୍ଡ଼ ନଂ-୧୮, ୧୯ ଏବଂ ୨୨ ଆଦି ଅଂଚଳରେ ଲାଇଟର ବ୍ୟବସ୍ଥା କରାଯିବା ନିମନ୍ତେ ଦାବି ଉପସ୍ଥାପନା କରିଥିଲେ ।

**ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ, କର୍ପୋରେଟର, ୱାର୍ଡ଼ ନଂ-୩୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ମାଲଗୋଦାମ ବେହେରା ସାହିର ପୁରୁଣା ରାତ୍ରୀ ଆଶ୍ରୟସ୍ଥଳ ଥିଲା, ବର୍ତ୍ତମାନ ତାହା ଭାଙ୍ଗି ନଷ୍ଟ ହୋଇଗଲାଣି । ଜନସାଧାରରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇ ଉକ୍ତ ସ୍ଥାନରେ ନିଗମର ନିଜସ୍ୱ ଅନୁଦାନରେ ରାତ୍ରୀ ଆଶ୍ରୟ ସ୍ଥଳ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ-୪୦ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଯେଉଁ ହିତାଧିକାରୀମାନେ ହଳଦିଆ ରାସନ କାର୍ଡ଼ ପାଇଥିଲେ, ସେମାନଙ୍କର ସବୁଜ କାର୍ଡ଼ ପ୍ରସ୍ତୁତ କରାଯାଇ ବିକାଶ ଭବନରେ ଗଛିତ ଥିବାରୁ ଯଥାଶିଘ୍ର ସେ ଗୁଡ଼ିକୁ ବଣ୍ଟନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଚଳିତ କାଉନସିଲକୁ ୫ ବର୍ଷ ବିତିଯାଇଥିବା ବେଳେ ଖାନ୍‌ନଗର, କାଳିଆବୋଦା ଏବଂ ସତୀଚୌରା ଶ୍ମଶାନରେ ଗ୍ୟାସ ଚୁଲା ସଂଯୋଗ କରାଯିବା ନିମନ୍ତେ ପୂର୍ବରୁ ପରିଷଦ

ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ୍ୟ କେବଳ ଖାନ୍‌ନଗର ଶ୍ମଶାନରେ ଗ୍ୟାସ ଚୁଲା ଅବସ୍ଥାପିତ କରାଯିବା ବେଳେ ଏ ପର୍ଯ୍ୟନ୍ତ କାଳିଆବୋଦା ଏବଂ ସତୀଚୌରା ଶ୍ମଶାନରେ ଗ୍ୟାସ ଚୁଲା ସଂଯୋଗ କରାଯାଇପାରିଲା ନାହିଁ । ଯଥାଶିଘ୍ର କାଳିଆବୋଦା ଏବଂ ସତୀଚୌରା ଶ୍ମଶାନରେ ଗ୍ୟାସ ଚୁଲା ସଂଯୋଗର ବ୍ୟବସ୍ଥା କରାଯିବାକୁ ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ରେ ଅଙ୍ଗନୱାଡ଼ୀ କେନ୍ଦ୍ର ନିର୍ମାଣ କରାଯିବା ନିମନ୍ତେ ଜମି ଚିହ୍ନଟ କରାଯିବା ପାଇଁ ବାରମ୍ବାର ପରିଷଦ ବୈଠକରେ ଦାବି କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ । ତହସିଲଦାରଙ୍କୁ ପତ୍ରାଳାପ କରାଯାଇ ଜମି ଚିହ୍ନଟ କରାଯିବା ପାଇଁ ୫ ବର୍ଷ ଅତିବାହିତ ହୋଇଗଲା । ତାହାକୁ ତୁରନ୍ତ ତହସିଲଦାରଙ୍କ ମାଧ୍ୟମରେ ସମାଧାନ କରାଯାଇ ଅଙ୍ଗନୱାଡ଼ୀ କେନ୍ଦ୍ର ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଦୀର୍ଘବର୍ଷ ଧରି ଯୋବ୍ରାସ୍ଥିତ ନିଗମର ସ୍ଲମ କ୍ୱାଟର ବିଷୟରେ ଦାବି ଉପସ୍ଥାପନ କରିବା, ରାଜ୍ୟ ସରକାର ଏବଂ ମାନ୍ୟବର ହାଇକୋର୍ଟଙ୍କ ଆଦେଶାନୁଯାୟୀ ସମାଧାନର ସୁତ୍ର ବାହାର କରାଯିବା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ । ଗତ ୪ ଟା ପରିଷଦ ବୈଠକରେ ନିଷ୍ପତିକୁ ଅଣଦେଖା କରି କିଭଳି ଚଳିତ ପରିଷଦ ଭୂଲ ନିଷ୍ପତି ଗ୍ରହଣ କରିଛନ୍ତି । ପୂର୍ବରୁ ପରିଷଦ ଏ ବାବଦରେ ତର୍ଜମା କରି ନିଷ୍ପତି ନେଇନଥିଲେ କି ? ତେଣୁ କୌଣସି ଆଳ ନଦେଖାଇ ରାଜ୍ୟ ସରକାର ଏବଂ ମାନ୍ୟବର ହାଇକୋର୍ଟଙ୍କ ଆଦେଶାନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ପରିମଳ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉ । ୱାର୍ଡ଼ରେ ଗୋଟିଏ ହେଲେ ଶୌଚାଳୟ ନିର୍ମାଣ କରାଯାଇପାରିଲା ନାହିଁ । ଏକମାତ୍ର Community ଶୌଚାଳୟକୁ କାର୍ଯ୍ୟକାରୀ କରାଯାଇପାରିଲା ନାହିଁ । ନଦୀକୂଳ ସାହିରେ ଥିବା ଗୋଷ୍ଠୀ ଶୌଚାଳୟ ଦୁଇ ପରିବାରର ଦଖଲରେ ରହି ପରିବେଶ ନଷ୍ଟ କରୁଛନ୍ତି । ସେମାନଙ୍କୁ ଉଚ୍ଛେଦ କରାଯିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯାଉ । ମାଛ ମାର୍କେଟ ନିକଟରେ ଥିବା ପବ୍ଲିକ ଟୟଲେଟକୁ ଗୋଷ୍ଠୀ ଶୌଚାଳୟ ଭାବେ ବ୍ୟବହାର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତା ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ ନଂ-୪୬ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିଲା । ଉକ୍ତ ଭେଣ୍ଡିଂ ଜୋନର ଅବସ୍ଥା ଶୋଚନୀୟ, ଅସ୍ୱାସ୍ଥ୍ୟକର ପରିବେଶରେ ଭେଣ୍ଡିଂ ଜୋନ ରହିଛି ତୁରନ୍ତ ଉକ୍ତ ଭେଣ୍ଡିଂ ଜୋନକୁ ପୁର୍ନରୁଦ୍ଧାର କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ବିଜୟ ଦଳେଇ, କର୍ପୋରେଟର, ୱାର୍ଡ ନଂ-୧୧ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଥିବା ଶିଶୁ ଭବନକୁ ଦୈନିକ ହଜାର ହଜାର ଲୋକ ଆସୁଥିବା ବେଳେ ସେଠାରେ ଥିବା ଶୌଚାଳୟରେ ଶୌଚ ହେବା ନିମନ୍ତେ ଜଣେ ଲୋକଙ୍କ ଠାରୁ ୧୦ ଟଙ୍କା ନିଆଯାଉଛି କିନ୍ତୁ ରାଜ୍ୟ ସରକାର ସେଠାରେ ୫ ଟଙ୍କାରେ ଡ଼ାଲମା ଭାତ ଖାଇବା ପାଇଁ ଯୋଗାଇ ଦେଉଥିବା ବେଳେ ଶୌଚ ପାଇଁ ୧୦ ଟଙ୍କା ନେବା ଅତ୍ୟନ୍ତ ନିନ୍ଦନୀୟ କଥା । ତେଣୁ ଆଦାୟ କରାଯାଉଥିବା ଫିକୁ ଉଚ୍ଛେଦ କରାଯିବାକୁ ଦାବି

କରିବା  ସହ ଉକ୍ତ ଶୌଚାଳୟରେ କଟକ ମହାନଗର ନିଗମର ଏକ ଫ୍ଲେକ୍ସ ପଦର୍ଶନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ପଦ୍ମା ଭୂୟାଁ, କର୍ପୋରେଟର, ୱାର୍ଡ଼ ନଂ-୧୩ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ବର୍ଷସାରା ଜଳ ନିଷ୍କାସନ ହୋଇପାରୁନାହିଁ । ଫଳରେ ମଇଳା ପାଣି ବର୍ଷସାରା ରାସ୍ତାରେ ଜମି ରହୁଛି । ଦଶହରା ଆସିଲାଣି, ଦେବୀଙ୍କ ମେଢ଼ କିପରି ପରିଭ୍ରମଣ କରିବ । ଏହାକୁ ଦୃଷ୍ଟିରେ ରଖାଯାଇ କେବେ ସୁଦ୍ଧା ଡ୍ରେନ ସଫେଇ କରାଯାଇ ଜଳ ନିଷ୍କାସନ କରାଯାଇପାରିବ ଗୃହରେ ଉତରେ ରଖାଯାଉ ବୋଲି କ୍ଷୋଭର ସହ କହିଥିଲେ ।

**ଶ୍ରୀଯୁକ୍ତ ପ୍ରଦୀପ କୁମାର ବେହେରା, ମାନ୍ୟବର କ୍ରିଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କ ପ୍ରତିନିଧି :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଜାତୀୟ ରାଜପଥ କଡ଼ରେ ଥିବା ପ୍ରାୟତଃ ୧୪ ଗୋଟି ୱର୍ଡ଼ରେ ଡ୍ରେନେଜ ସମସ୍ୟା ଯୋଗୁ ୱାର୍ଡ଼ମାନଙ୍କରେ ଜଳବନ୍ଦୀ ଭଳି ପରିସ୍ଥିତି ଉପୁଜୁଛି । ଏ ବିଷୟରେ ସମ୍ପୃକ୍ତ କର୍ପୋରେଟରମାନେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ତେ଼ୁ ଉକ୍ତ ସମସ୍ୟାକୁ ସମାଧାନ କରାଯିବା ନିମନ୍ତେ ଆଯୁକ୍ତ ନିଜେ ଦାୟୀତ୍ୱର ସହିତ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ବୈଠକକୁ ଡ଼କାଯାଇ ତୁରନ୍ତ ସମସ୍ୟାର ସମାଧାନ କରାଯିବାକୁ ଦିଗ୍ ଦର୍ଶନ ଦେଇଥିଲେ ।

❖ ଗୋପାଳପୁରଠାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ କରାଯାଇଛି, ଏହାର କାର୍ଯ୍ୟ ସମାପ୍ତ କରାଯାଇ ଉଦ୍‌ଘାଟନ କରାଯାଇଥିଲେ ମଧ ତାହାକୁ କାର୍ଯ୍ୟକ୍ଷମ କରାଯାଇନାହିଁ । ଉକ୍ତ ଅଂଚଳର ୪ ଗୋଟି ୱାର୍ଡ଼ବାସୀ ସୁବିଧା ନପାଇ ସେମାନଙ୍କର ବିବାହ, ବ୍ରତ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିପାରୁନାହାଁନ୍ତି । ତେଣୁ ତୁରନ୍ତ ନିଷ୍ପତି ଗ୍ରହଣ କରାଯାଇ ଆସନ୍ତା ମାସଠାରୁ ଅନ୍‌ଲାଇନ ବୁକିଂ ଆରମ୍ଭ କରାଯିବାକୁ ମାନ୍ୟବର ମେୟର ତଥା ଆଯୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, କର୍ପୋରେଟର, ୱାର୍ଡ଼ ନଂ-୩୫:**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବୋଷ କଲେଜ ଠାରୁ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସାଳୟ ପର୍ଯ୍ୟନ୍ତ ଲଗାଯାଇଥିବା ଏଲ୍‌ଇଡ଼ି ଲାଇଟ ଜଳୁନାହିଁ । ଏ ବାବଦରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଗତବର୍ଷ ସ୍ୱାୟତ ଶାସନ ଦିବସରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା କିନ୍ତୁ ଲାଇଟ ଗୁଡ଼ିକ ଜଳୁନଥିବାରୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ, ଆଯୁକ୍ତ ସମସ୍ତ ସଦସ୍ୟ/ସଦସ୍ୟାଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ, ଯଦି କୌଣସି ଠିକାଦାର କାର୍ଯ୍ୟାଦେଶ ପାଇ କାର୍ଯ୍ୟ କରୁନାହାଁନ୍ତି, ସେମାନଙ୍କୁ ପତ୍ରାଳାପ କରାଯାଇ ୭ ଦିନ ମଧ୍ୟରେ ଯଦି କାର୍ଯ୍ୟାରମ୍ଭ ନକରନ୍ତି, ତେବେ ଚୁକ୍ତିପତ୍ର ଅନୁଯାୟୀ ସେମାନଙ୍କ Security Deposit କୁ Forfeit କରାଯିବ ବୋଲି ଅଭିହିତ କରିଥିଲେ ।

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀ ଯଦି ବାଦ୍ ପଡ଼ନ୍ତି, ତେବେ ପୁର୍ନବାର ଯାଂଚ କରିବାର ଆବଶ୍ୟକତା ନାହିଁ ସେମାନେ ପୁର୍ବରୁ ଆବେଦନ କରିଥିବା

ଫର୍ମକୁ ଯାଂଚ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ । ଏ ବାବଦରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ୧୫ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ଗୃହକୁ ଅବଗତ କରିଥିଲେ ।

ହୋଡ଼ିଂ ଟିକସ ବାବଦରେ ସଭ୍ୟ/ସଭ୍ୟାମାନଙ୍କ ଅଭିଯୋଗ ଉପରେ କହିଥିଲେ ଯେଉଁ ସଂସ୍ଥା ମାନେ ବକେୟା ଟିକସ ପରିଶୋଧ କରିନାହାଁନ୍ତି ସେ ଗୁଡ଼ିକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ସୁଚନା ଦେଇଥିଲେ ।

ନିଗମରେ ୬ ଜଣ ଡ଼ାଟା ଏଣ୍ଟ୍ରି ଅପରେଟର ମାନେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି ଏବଂ ରାଜ୍ୟ ସରକାରଙ୍କ ଯଦି ନିର୍ଦ୍ଦେଶ ଅଛି ତେବେ ସେମାନଙ୍କୁ ବର୍ଦ୍ଧିତ ହାରରେ ଦରମା ପ୍ରଦାନ କରାଯିବ ପାଇଁ ଅନୁଧ୍ୟାନ କରାଯାଇ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ Arrear ସହିତ ପ୍ରଦାନ କରାଯାଇପାରିବ ବୋଲି ଗୃହରେ ସୂଚନା ଦେଇଥିଲେ ।

କଟକର ଆରାଧ୍ୟା ଦେବୀ ଚଣ୍ଡି ମନ୍ଦିର ନିକଟରେ ଯଦିଓ ଦୀର୍ଘ ଦିନର ଦାବି ଅନୁଯାୟୀ ଶୌଚାଳୟ ନିର୍ମାଣ କରାଯାଇନାହିଁ, ତାହାକୁ ଅନୁଧ୍ୟାନ କରାଯାଇ ଆବଶ୍ୟକ ସ୍ଥଳେ Departmentally କରାଯିବାକୁ ଅବଗତ କରିଥିଲେ ।

ଦଶହରା ଉପଲକ୍ଷେ ପ୍ରତ୍ୟେକ ୱାର୍ଡ଼କୁ ୩ ଜଣ ଲେଖାଏଁ ଅତିରିକ୍ତ କୁଲି ଏକ ମାସ ନିମନ୍ତେ ଯୋଗାଇ ଦେବା ସହ ପ୍ରତ୍ୟେକ ୱାର୍ଡ଼ରୁ ଦୈନିକ ୪ ଟ୍ରିପ ଅଳିଆ ପରିବହନ କରାଯିବା ନିମନ୍ତେ ଆବଶ୍ୟକ ସ୍ଥଳେ ଟ୍ରାକ୍ଟର ବ୍ୟବସ୍ଥା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଦଶହରା ପୁର୍ବରୁ ବିଭିନ୍ନ ବିଭାଗ ଦ୍ୱାରା ରାସ୍ତାଘାଟ ମରାମତି କାର୍ଯ୍ୟ କରାଯିବ ଏ ସମ୍ବନ୍ଧରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯାଇଛି । ଏଲ୍‌ଇଡ଼ି ଯୋଜନା କାର୍ଯ୍ୟକ୍ରମରେ ଯେଉଁ ଯେଉଁ ଅଂଚଳରେ ଏଲଇଡ଼ି ଲାଇଟ ଗୁଡ଼ିକ ଜଳୁନାହିଁ ଯଥାଶିଘ୍ର ସେଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।

ପ୍ରତ୍ୟେକ ୱାର୍ଡ଼କୁ ୧୦ ଲକ୍ଷ ଟଙ୍କାର ଅନୁଦାନରେ ୫୯ ୱାର୍ଡ଼ର କର୍ପୋରେଟର ମାନଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ ବିଭିନ୍ନ କାର୍ଯ୍ୟ Departmentally କରାଯିବା ନିମନ୍ତେ ସୂଚନା ପ୍ରଦାନ କରିଥିଲେ ।

ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ସେଠୀ, ଉପ ଆୟୁକ୍ତ ରାସନ କାର୍ଡ଼ ବିଷୟରେ ମତବ୍ୟକ୍ତ କରି କହିଥିଲେ ବିକାଶ ଭବନଠାରେ ଆର୍‌ସିଏମ୍ କେନ୍ଦ୍ରରେ ହିତାଧିକାରୀ ମାନଙ୍କ ଠାରୁ ସିଧା ସଳଖ ସଂଗୃହିତ ହୋଇଥିବା ଆବେଦନ ଫର୍ମ ଏବଂ କର୍ପୋରେଟର ମାନଙ୍କ ମାଧ୍ୟମରେ ୧୨ ହଜାର ଫର୍ମ ସଂଗ୍ରହ କରାଯାଇଛି । ସେଥି ମଧ୍ୟରୁ ତଦନ୍ତ କରାଯାଇ ୮ ହଜାର ଫର୍ମ ଡ଼ାଟା ବେସ୍‌ରେ ଅପଲୋଡ଼ କାର୍ଯ୍ୟ କରିବା ନିମନ୍ତେ ୪ ଜଣ ବରିଷ୍ଠ କମ୍ୟୁନିଟି ଅର୍ଗାନାଇଜରଙ୍କୁ ଦାୟୀତ୍ୱ ଦିଆଯାଇଛି । ଏହାପରେ ଯେଉଁମାନେ ଆବେଦନ କରି ପାରିନାହାଁନ୍ତି ବା ଚୟନ ହୋଇ ପାରିନାହାନ୍ତି ସେମାନେ ପୁର୍ନବାର ଆବେଦନ କରିପାରିବେ ବୋଲି ସୂଚନା ଦେଇଥିଲେ । ତେଣୁ ଅନ୍‌ଲାଇନ୍ କାର୍ଯ୍ୟ ଶେଷ ହେବା ପରେ ସମସ୍ତ କର୍ପୋରେଟର ମାନଙ୍କୁ ତାଲିକ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ ।

ଶ୍ରୀମତୀ ମୀନାକ୍ଷୀ ବେହେରା, ମେୟର, ଗୃହରେ ବିଭିନ୍ନ କର୍ପୋରେଟର ମାନଙ୍କର ଉଦ୍‌ବେଗ ଅନୁଯାୟୀ ଯେଉଁ ଠିକାଦାରମାନେ କାର୍ଯ୍ୟାଦେଶ ପାଇ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟାରମ୍ଭ ନକରି ବିଳମ୍ବ କରୁଛନ୍ତି, ତାହାକୁ ଅନୁଧ୍ୟାନ କରାଯାଇ ସେମାନଙ୍କୁ କଳାତାଲିକା ଭୁକ୍ତ କରାଯିବା ସହିତ ଚୁକ୍ତିପତ୍ର ଅନୁଯାୟୀ ସେମାନଙ୍କର Security Deposit ଫେରସ୍ତ କରାଯିବ ନାହିଁ ଏବଂ ସମ୍ପୃକ୍ତ କାର୍ଯ୍ୟର ଟେଣ୍ଡର ପକ୍ରିୟାରେ L2 ହୋଇଥିବା ଠିକାଦାରଙ୍କୁ L1 ରେଟରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିଗମ ଅଂଚଳରେ ହୋଡ଼ିଂ ବ୍ୟବସାୟ କରିଆସୁଥିବା ସଂସ୍ଥା ଯେଉଁମାନେ ବର୍ଷ ବର୍ଷ ଧରି ନିଗମକୁ ଟିକସ ପରିଶୋଧ କରୁନାହାଁନ୍ତି ଏବଂ ୨୦ ପ୍ରତିଶତ ଜୋରିମାନା ଆଳ ଦେଖାଇ ଟାଳଟୁଳ ନିତି

ଅବଲମ୍ବନ କରୁଛନ୍ତି । ପ୍ରଥମେ ସେମାନଙ୍କ ଠାରୁ ବକେୟା ଅର୍ଥ ଆଦାୟ କରାଯିବା ସହିତ ପରବର୍ତ୍ତି ସମୟରେ ଜୋରିମାନା ଆଦାୟ ସମ୍ପର୍କରେ ବିଚାର କରାଯିବା ବୋଲି ଗୃହରେ ସୂଚନା ଦେଇଥିଲେ ।

ଗ୍ରୀଷ୍ମ ପ୍ରବାହରେ ନିଗମ ତରଫରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ମାନ ଖୋଲାଯାଇ ଜନସାଧାରଣମାନଙ୍କୁ ପାନୀୟଜଳ ଯୋଗାଇ ଦିଆଯାଇଥାଏ । ଏହି ଜଳ ଯୋଗାଣ ବିଷୟରେ ମୈତ୍ରୀ ସଂସଦର ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ଅଜୟ ମହାନ୍ତି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ତେଣୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ମହାନ୍ତି ପରିଷଦ ବୈଠକରେ ଯୋଗଦାନ କରି ଶୁଦ୍ଧ ପାନୀୟ ଜଳ ଯୋଗାଣ କିଭଳି ଜନହିତକର ହୋଇପାରିବ ତାହାର ଉତ୍କୃଷ୍ଟମାନ ପରିଷଦ ବୈଠକରେ ଉପସ୍ଥାପନା କରିବା ନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶାନୁଯାୟୀ ଶ୍ରୀ ମହାନ୍ତି ବୈଠକରେ ଯୋଗାଦାନ କରିଥିଲେ ମଧ୍ୟ ବୈଠକ ଆରମ୍ଭ ପୁର୍ବରୁ ଜରୁରୀ କାର୍ଯ୍ୟଥିବା ଦର୍ଶାଇ ଜଳ ଯୋଗାଣ ସମ୍ବନ୍ଧୀୟ ତଥ୍ୟ ଲିଖିତ ଆକାରରେ ପ୍ରଦାନ କରିଥିଲେ । ଏଣୁ ଜଳ ଯୋଗାଣ ସମ୍ବନ୍ଧରେ ଶ୍ରୀ ମହାନ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଲିଖିତ ତଥ୍ୟ ଉକ୍ତ ବୈଠକରେ ଆଲୋଚନା କରାଯାଇନଥିବାରୁ ପରିଷଦର ପରବର୍ତ୍ତି ବୈଠକରେ ଆଲୋଚନା କରାଯିବାକୁ ସ୍ଥିର କରାଗଲା ।

**ପ୍ରସ୍ତାବ ନଂ-୧.** ଗତ ତା. ୦୪-୦୭-୨୦୧୮ରିଖ ୩୫ତମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୦୪-୦୭-୨୦୧୮ରିଖ ୩୫ତମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୨.** ଗତ ତା. ୧୦-୦୮-୨୦୧୮ରିଖ ସ୍ୱତନ୍ତ୍ର ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୨ :** ଗତ ତା. ୧୦-୦୮-୨୦୧୮ରିଖ ସ୍ୱତନ୍ତ୍ର ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୩.** ଗତ ତା. ୧୯-୦୯-୨୦୧୮ରିଖ ସ୍ୱତନ୍ତ୍ର ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୩ :** ଗତ ତା. ୧୯-୦୯-୨୦୧୮ରିଖ ସ୍ୱତନ୍ତ୍ର ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୪.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୪.୧** ଗତ ୧୨.୦୭.୨୦୧୮ରିଖ ଏଜୁକେଶନ,ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୨** ଗତ ୧୯.୦୭.୨୦୧୮ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୩** ଗତ ୨୦.୦୭.୨୦୧୮ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୪** ଗତ ୨୬.୦୭.୨୦୧୮ରିଖ ପବ୍ଲିକ ଓ୍ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୫** ଗତ ୨୭.୦୭.୨୦୧୮ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୬** ଗତ ୨୭.୦୭.୨୦୧୮ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୭** ଗତ ୨୮.୦୭.୨୦୧୮ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୮** ଗତ ୦୧.୦୮.୨୦୧୮ରିଖ ଏଜୁକେଶନ,ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୯** ଗତ ୦୨.୦୮.୨୦୧୮ରିଖ ରିଖ ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୦** ଗତ ୨୧.୦୮.୨୦୧୮ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୧** ଗତ ୨୮.୦୮.୨୦୧୮ରିଖ ଏଜୁକେଶନ,ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୨** ଗତ ୨୮.୦୮.୨୦୧୮ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୩** ଗତ ୨୯.୦୮.୨୦୧୮ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୪** ଗତ ୧୭.୦୯.୨୦୧୮ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୫** ଗତ ୧୭.୦୯.୨୦୧୮ ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୬** ଗତ ୧୮.୦୯.୨୦୧୮ ରିଖ ଏଜୁକେଶନ,ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୭** ଗତ ୧୮.୦୯.୨୦୧୮ ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୮** ଗତ ୨୫.୦୯.୨୦୧୮ ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ଏବଂ ପ୍ରସ୍ତାବ ନଂ-୧୪କୁ ନିମ୍ନରେ ସଂଶୋଧନ କରାଗଲା ।

୧୪. ପ୍ରତିଷ୍ଠାନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, **File No-IV-D(I)(T), 63/15** ଅନୁଯାୟୀ ନିଗମ ଅଂଚଳରେ ସର୍ଭିସ ପ୍ରୋଭାଇଡ଼ର ମାଧ୍ୟମରେ କାର୍ଯ୍ୟ କରୁଥିବା (**୫୯ ଜଣ ସିକ୍ୟୁରିଟି ଗାର୍ଡ଼ ବଦଳରେ**) ୫୭ ଜଣ ସିକ୍ୟୁରିଟି ଗାର୍ଡ଼, ୨୩ ଜଣ ମାଳି ଏବଂ ୩ଜଣ

କାଜୁଆଲ ଲେବରଙ୍କ କାର୍ଯ୍ୟ ଅବଧିକୁ ତା ୦୧.୦୬.୨୦୧୮ ରିଖ ଠାରୁ ୩୧.୧୦.୨୦୧୮ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଆଗତ କରାଯିବା ସହ ପାର୍କ ଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ସମ୍ପୂର୍ଣ୍ଣ ତାଲିକା ଏବଂ କେଉଁ ପାର୍କରେ କେଉଁ କର୍ମଚାରୀ କାର୍ଯ୍ୟ କରୁଛନ୍ତି ତାହାର ତଥ୍ୟ କମିଟିର ଆସନ୍ତା ବୈଠକରେ ଉପସ୍ଥାପନ କରାଯିବାକୁ ସ୍ଥିର କରାଗଲା ।

**ନିର୍ଦ୍ଧାରଣ ନଂ-୪.୧୯** ଗତ ୨୭.୦୯.୨୦୧୮ ରିଖ ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୫.** ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ, କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଏବଂ ନିର୍ଦ୍ଦିଷ୍ଟ ଭାବେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ଅନୁମୋଦନ ସହିତ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।

୧. ଆସନ୍ତା ଦଶହରାକୁ ଦୃଷ୍ଟିରେ ରଖାଯାଇ ବିଭିନ୍ନ କର୍ପୋରେଟର ତଥା ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଜରୁରୀକାଳୀନ ଭିତିରେ କରାଯିବା ନିମନ୍ତେ ସ୍ଥିର କରାଗଲା ।

1. Construction of C.C. Road from NH-16 to Laxmidhar Lenka res at Gopalpur in Ward No-57
2. Construction of C.C. Road from Maa Tarini Vidyapitha to Biju Pattnaik Kalyan Mandap at Gopalpur in Ward No-57
3. Construction of RCC drain from Er. Kartik Ch. Sahoo res to Abhimanyu Das res at Kanika Rajbati Colony in Ward No-09
4. Completion of Maa Basulei Community Centre at Khannagar Chandan padia in Ward No-45
5. Construction Road Joints Near Nepal Prakash Samant in Ward No-07
6. Construction of compound wall with flooring at Khannagar Hybrid Toilet in Ward No-45
7. Restoration of drain with cover slab from saraswati College to Bijay Kumar Sahoo res and Lotus Electronic to Asis Pati res at Arunodaya Nagar in Ward No-45
8. Restoration of culvert at Entrance Gate of Badambadi Busstand in Ward No-44
9. Construction of approach road Main road Laxmanpur Souchalaya in Ward No-48
10. Restoration of main drain at Bhubanpur in Ward No-48
11. Construction of road from VIP Road to Fakirpur Bathing Ghat in Ward No-48
12. Construction of CC Road from Kendrapara Canal Bandha to Nimpur High School in Ward No-48
13. Fixing of Semi High Mast Light at Jagatpur PHC in Ward No-48
14. Construction of CC Road at Fakirpur in Ward No-48

15. Construction of CC Road from Subudhi Babu house to Dutta Babu house at Ruchi gali Nuapada Bali Sahi in Ward No-51
16. Construction of CC Road with RCC drain and cover slab infront of Anil Kumar Das res at Ray Sir Lane in Ward No-51
17. Construction of C.C. Road with Guard Wall from river embackment to Gurubarisahi Club in Ward No-57
18. Construction of C.C. Road from Gurubari Sahi Mahila Samitee to Ramesh Samal res in Ward No-57
19. Construction of 4 nos of RCC hume pipe culvert at Gudia Sahi, Bhoi Sahi, Gurubarisahi and Dhaurang padia of Srikoruan in Ward No-57
20. Construction of Guardwall to the Sartola Main Road near Maa Chandi Mandira in Ward No-51 (Part-I)
21. Construction of Guardwall to the Sartola Main Road near Maa Chandi Mandira in Ward No-51 (Part-II)
22. Construction of Guardwall to the Sartola Main Road near Maa Chandi Mandira in Ward No-51 (Part-III)
23. S/R to road from Harekrushna Behera res to Lokanath Sahoo res at Ranihat
24. S/R to road from Pravat Sahoo res to Rashmi Nibas at Ranihat
25. S/R to road fromDuryodhan Sahoo res to Jagannath Sahoo res at Teli Sahi
26. S/R to road from from Surya Narayan Sahoo res to Gulu Rout res at Canal Road at Sagadia Sahi
27. S/R to road from Adv. Parija house to EATS Hotel at Medical Road Mochisahi Chhaka
28. S/R to road from Barik Sahoo Biswal Chhaka to Mali SahiEX Adhikari Parsuram Jena res
29. S/R to road fromProfessorpada St Xavier School to Bishnu Swain res at Sagadia Sahi
30 S/R to road from Narayan Mishra Lane Kunjabihari Das res to Mahima Mishra Appartment
31. Construction of drain at Fakirpur Main drain to Old Industrial Estate drain tail point in Ward No-48
32. Construction of CC road at Fakirpur Malasahi in Ward No-48

୨. ପ୍ରତ୍ୟେକ ୱାର୍ଡ଼କୁ ୧୦ ଲକ୍ଷ ଟଙ୍କାର ଅନୁଦାନରେ ୫୯ ୱାର୍ଡ଼ର କର୍ପୋରେଟର ମାନଙ୍କ ଦ୍ଵାରା ଆଗତ ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ ବିଭିନ୍ନ କାର୍ଯ୍ୟ **Departmentally** କରାଯିବା ନିମନ୍ତେ ସ୍ଥିର କରାଗଲା ।

୩. ସ୍ଵଚ୍ଛ ଭାରତ ମିଶନ ଅର୍ନ୍ତଗତ ନିଗମର ସମସ୍ତ ୱାର୍ଡ଼ସ୍ତରୀୟ ପରିମଳ କମିଟିକୁ ୱାର୍ଡ଼ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଭାବେ ଘୋଷଣା କରାଯିବା ସହ ଆବଶ୍ୟକସ୍ଥଳେ ଉକ୍ତ କମିଟିରେ ନୂତନ ସଦସ୍ୟ/ସ୍ଵେଚ୍ଛାସେବୀ ଯଥା (ବିଜୁ ଯୁବ ବାହିନୀ) ମାନଙ୍କୁ ଚୟନ କରାଯାଇପାରିବ । ଉକ୍ତ କମିଟି ମାଧ୍ୟମରେ

ୱାର୍ଡ଼ସ୍ତରୀୟ ବିପର୍ଯ୍ୟୟ ଯୋଜନା, ତାଲିମ ଆଦି ସମ୍ପାଦନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୪. ୱାର୍ଡ଼ ୱାରୀ ୫୦ ଲକ୍ଷ ଅନୁଦାନ ମଧ୍ୟରେ ବିଭିନ୍ନ ୱାର୍ଡ଼ର ଉନ୍ନୟନ କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇ ଯେଉଁ ଠିକାଦାରମାନେ କାର୍ଯ୍ୟାଦେଶ ପାଇ କାର୍ଯ୍ୟାରମ୍ଭ ନକରି ବିଳମ୍ବ କରୁଛନ୍ତି, ତାହାକୁ ଅନୁଧ୍ୟାନ କରାଯାଇ ସେମାନଙ୍କ କାର୍ଯ୍ୟାଦେଶକୁ ରଦ୍ଦ କରାଯିବା ସହିତ ଚୁକ୍ତିପତ୍ର ଅନୁଯାୟୀ ସେମାନଙ୍କର Security Deposit ଫେରସ୍ତ କରାନଯିବା ସହ ଏବଂ ସମ୍ପୃକ୍ତ କାର୍ଯ୍ୟର ଟେଣ୍ଡର ପକ୍ରିୟାରେ L2 ହୋଇଥିବା ଠିକାଦାରଙ୍କୁ L1 ରେଟରେ କାର୍ଯ୍ୟାଦେଶ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୫. ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀ ଯଦି ବାଦ୍ ପଡ଼ନ୍ତି, ସେମାନେ ପୁର୍ବରୁ ଆବେଦନ କରିଥିବା ଫର୍ମକୁ ଯାଂଚ କରାଯାଇ ପଦକ୍ଷେପ ଗ୍ରହଣ କରାଯିବା ସହ ଏ ବାବଦରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବାକୁ ସ୍ଥିର କରାଗଲ ।

୬. ବିଜୁ ଭବନଠାରେ ଅବସ୍ଥାପିତ ଥିବା ଦୁଇଗୋଟି ଲିଫ୍ଟ ବାରମ୍ବାର ଖରାପ ହେଉଥିବାରୁ, ଅତ୍ୟାଧୁନିକ ପ୍ରଣାଳୀରେ ଉକ୍ତ ଲିଫ୍ଟରେ ସେନ୍‌ସର ଲଗାଯିବା ସହିତ କାର୍ଯ୍ୟକାରୀ କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**(ମୀନାକ୍ଷୀ ବେହେରା)**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଯୁଗ୍ମ କମିଶନର / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ